Vol-1 | Issue-1
JUIY 2 to 7 JULY 2026 | Weekly
BHUBANESWAR | Pages-8 | Price- 5.00
ବର୍ଷ-୧ | ସଂଖ୍ୟା-୧
୨ରୁ ଜୁଲାଇ ୭ ଜୁଲାଇ ୬୨୦୨୬ | ସାପ୍ତାହିକ
ଭୁବନେଶ୍ୱର | ପୃଷ୍ଠା-୮ | ମୂଲ୍ୟ-୫.୦୦

# ଓଡ଼ିଶା ନିଶବ୍ଦ

ସାପ୍ତାହିକ ଖବର କାଗଜ

ORORI/26/A4490

THE ODISHA NISHABDA

www.odishanishabda.com
Odisha Nisabda
Odisha Nisabda
odishanishabda
odishanishabda

# ଓଡ଼ିଶାର ବିକାଶ ହେଲେ ଭାରତ ବିକଶିତ ହେବ: ମୋଦୀ



**ରାଇରଙ୍ଗପୁର:** ମୟୂରଭଞ୍ଜଜିଲ୍ଲା ଦାଣ୍ଡବୋସଠାରେ ଓଡ଼ିଶାରେ ବିଜେପି ସରକାରର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗ ଦେଇଛନ୍ତି ରାଷ୍ଟ୍ରପତି ଦ୍ରେ ?ପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଥିରେ ଓଡ଼ିଶାର ଡବଲ୍ ଇଞ୍ଜିନ ସରକାରକୁ ଅଭିନନ୍ଦନ ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆପଣଙ୍କର ଭଲ ପାଇବା ଓ ଆତ୍ମୀୟତା ମୋତେ ବାରମ୍ବାର ଓଡ଼ିଶାକୁ ଟାଣିଆଣୁଛି। ରାଷ୍ଟ୍ରପତିଙ୍କ ଗାଁକୁ ଯାଇ ଆଜି ମୋତେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବାର ସୁଯୋଗ ମିଳିଲା। ପାହାଡ଼ପୁରର ଲୋକଙ୍କୁ ମାଗଣା ସେ ?ର ବିଦ୍ୟୁତ୍ ମିଳିବ। ଏହା ହେବ 'ସୂର୍ଯ୍ୟଗ୍ରାମ'। ସାନ୍ତାଳୀ ଭାଷାରେ ସମ୍ବିଧାନ ଲେଖାଯାଇଛି।

ଓଡ଼ିଶା ସରକାରଙ୍କ ବିକାଶକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ପ୍ରଗତିର ଦ୍ୱାର ହୋଇଛି। ଓଡ଼ିଶାରେ ଖଣିଜ ଶକ୍ତି, କୃଷି ଓ ଯୁବ ପ୍ରତିଭା ରହିଛି। ଏଠାରେ ରେଳପଥ ନିର୍ମାଣ ଦ୍ରୁତ ଗତିରେ ଚାଲିଛି। ଉତ୍କର୍ଷ ଅଭିଯାନ ଭଳି ଯୋଜନା କାର୍ଯ୍ୟକାରୀ ହୋଇଛି। ଓଡ଼ିଶାକୁ ଶିଳ୍ପସମୃଦ୍ଧ କରିବା ଲାଗି କାମ କରାଯାଉଛି। ଡବଲ୍ ଇଞ୍ଜିନ ସରକାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ସରକାର ଲୋକଙ୍କ ପାଖକୁ ଯାଉଛି। ରାଜ୍ୟରେ ୩ ଲକ୍ଷ କୋଟି ଟଙ୍କାର ବିକାଶ କାମ ଚାଲିଛି। ଶକ୍ତି କ୍ଷେତ୍ରରେ ୬ ହଜାର କୋଟି ଟଙ୍କାର କାମ ଚାଲିଛି। ସୁଭଦ୍ରା ଯୋଜନା, ଆୟୁଷ୍ମାନ୍ ଭାରତ ଯୋଜନାର ଲାଭ ଓଡ଼ିଶାବାସୀଙ୍କୁ ମିଳିଛି। ଆଦିବାସୀ ସମାଜ ଆଜି ବିକାଶର ଧାରାରେ ସାମିଲ ହୋଇଛି। ଓଡ଼ିଶା ଓ ଦେଶର ଲକ୍ଷ୍ୟ ଏକା ଦିଗରେ ଯାଉଛି। ଓଡ଼ିଶାର ବିକାଶ ହେଲେ ଭାରତ ଆଗେଇବ।

## ସରକାର ଲୋକଙ୍କ ପାଖକୁ ଯାଉଛି

ଓଡ଼ିଶା ସରକାରଙ୍କ ବିକାଶକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି,ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ପ୍ରଗତିର ଦ୍ୱାର ହୋଇଛି। ଓଡ଼ିଶାରେ ଖଣିଜ ଶକ୍ତି, କୃଷି ଓ ଯୁବ ପ୍ରତିଭା ରହିଛି। ଏଠାରେ ରେଳପଥ ନିର୍ମାଣ ଦ୍ରୁତ ଗତିରେ ଚାଲିଛି। ଉତ୍କର୍ଷ ଅଭିଯାନ ଭଳି ଯୋଜନା କାର୍ଯ୍ୟକାରୀ ହୋଇଛି। ଓଡ଼ିଶାକୁ ଶିଳ୍ପସମୃଦ୍ଧ କରିବା ଲାଗି କାମ କରାଯାଉଛି। ଡବଲ୍ ଇଞ୍ଜିନ ସରକାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ସରକାର ଲୋକଙ୍କ ପାଖକୁ ଯାଉଛି। ରାଜ୍ୟରେ ୩ ଲକ୍ଷ କୋଟି ଟଙ୍କାର ବିକାଶ କାମ ଚାଲିଛି। ଶକ୍ତି କ୍ଷେତ୍ରରେ ୬ ହଜାର କୋଟି ଟଙ୍କାର କାମ ଚାଲିଛି। ସୁଭଦ୍ରା ଯୋଜନା, ଆୟୁଷ୍ମାନ୍ ଭାରତ ଯୋଜନାର ଲାଭ ଓଡ଼ିଶାବାସୀଙ୍କୁ ମିଳିଛି। ଆଦିବାସୀ ସମାଜ ଆଜି ବିକାଶର ଧାରାରେ ସାମିଲ ହୋଇଛି। ଓଡ଼ିଶା ଓ ଦେଶର ଲକ୍ଷ୍ୟ ଏକା ଦିଗରେ ଯାଉଛି। ଓଡ଼ିଶାର ବିକାଶ ହେଲେ ଭାରତ ଆଗେଇବ।

## ସଂଗଠନ ସୁଦୃଢ଼ ସହ 'ବିକଶିତ ଓଡ଼ିଶା' ଗଠନ ହିଁ ମୂଳ ଲକ୍ଷ୍ୟ

**ଭୁବନେଶ୍ୱର:** କୋର କମିଟି ବୈଠକରୁ ନିଜର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ନବୀନ ଜଟଣୀରେ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ, ଶ୍ରୀଜଗନ୍ନାଥ ଦର୍ଶନ, ବିଭିନ୍ନ ମୋର୍ଚ୍ଚାର କର୍ମକର୍ତ୍ତାଙ୍କ ସହ ଆଲୋଚନା ଓ ମନ୍ତ୍ରିପରିଷଦ ସଦସ୍ୟଙ୍କ ସହ ବୈଠକ କରି ଗୁରୁତ୍ୱପୂର୍ଣ୍ଣ ଟାସ୍କ ଦେଇଥିବା ଜଣାପଡ଼ିଛି।

ରାଜ୍ୟରେ ଶାସନ କ୍ଷମତା ହାସଲ କରିବା କେବଳ ଏକମାତ୍ର ଲକ୍ଷ୍ୟ ନୁହେଁ ବରଂ ଦୀର୍ଘକାଳୀନ ସଂଘର୍ଷ ଓ ସମର୍ପଣ ମନୋଭାବ ନେଇ ସାଧାରଣ ଲୋକଙ୍କ ସେବା କରିବା ଏବଂ ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ସୁଦୃଢ଼ କରିବା ହେଉଛି ପ୍ରତିଟି କର୍ମକର୍ତ୍ତାଙ୍କ ମୂଳ କର୍ତ୍ତବ୍ୟ। ଏଭଳି ଢଙ୍ଗରେ ଦଳୀୟ କର୍ମକର୍ତ୍ତାମାନଙ୍କ ଉତ୍ସାହ ଭରିଛନ୍ତି ଓଡ଼ିଶା ଗସ୍ତରେ ଆସିଥିବା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ଦଳୀୟ କର୍ମୀ ଓ ନେତାମାନଙ୍କୁ ୫ଟି ଗୁରୁମନ୍ତ୍ର ଦେବା ସହ 'ବିକଶିତ ଓଡ଼ିଶା' ଗଠନ ମୂଳଲକ୍ଷ୍ୟ ବୋଲି କହିଛନ୍ତି।

ପ୍ରଥମଥର ଓଡ଼ିଶା ଗସ୍ତରେ ଆସିଥିବା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନବୀନଙ୍କର ଆଜି ଦିନତମାମ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଥିଲା। ଆଜି ସକାଳ ସାଢ଼େ ୮ଟାରୁ କୋର କମିଟି ବୈଠକରୁ ନିଜର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ନବୀନ ଜଟଣୀରେ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ, ମହାପ୍ରଭୁ ଶ୍ରୀଜଗନ୍ନାଥ ଦର୍ଶନ, ବିଭିନ୍ନ ମୋର୍ଚ୍ଚାର କର୍ମକର୍ତ୍ତାଙ୍କ ସହ ସାଂଗଠନିକ ପ୍ରସଙ୍ଗରେ ଆଲୋଚନା ଓ ମନ୍ତ୍ରିପରିଷଦ ସଦସ୍ୟଙ୍କ ସହ ବୈଠକ କରି ସଂଗଠନକୁ ସୁଦୃଢ଼ ପାଇଁ ଗୁରୁତ୍ୱପୂର୍ଣ୍ଣ ଟାସ୍କ ଦେଇଥିବା ଜଣାପଡ଼ିଛି।

ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ଦ୍ୱାରା ଆୟୋଜିତ ଦୁଇଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬କୁ ଆନୁଷ୍ଠାନିକ ଉଦଘାଟନ କରିବା ସହ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ ନୀତିନ ନବୀନ। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ନେତୃତ୍ୱରେ ଆଜି ସମଗ୍ର ବିଶ୍ୱରେ ଭାରତ ଏକ ସ୍ୱତନ୍ତ୍ର ଓ ଗୌରବମୟ ସ୍ଥାନ ସୃଷ୍ଟି କରିପାରିଛି। 'ରାଷ୍ଟ୍ର ସର୍ବୋପରି' ଭାବନାକୁ ପାଥେୟ କରି ମୋଦି ସରକାର ୨୦୨୪ ସୁଦ୍ଧା ବିକଶିତ ଭାରତ ଗଠନ ନିମନ୍ତେ ଦିନରାତି ପରିଶ୍ରମ କରୁଛନ୍ତି।

ତେବେ ବର୍ତ୍ତମାନର ରାଜନୈତିକ ସ୍ଥିତି ଉପରେ ଚିନ୍ତାପ୍ରକଟ କରି ସେ କହିଛନ୍ତି ଯେ, ଅତୀତରେ ବିରୋଧୀ ଦଳଗୁଡ଼ିକ ଗଠନାତ୍ମକ ସହଯୋଗ କରୁଥିଲେ, କିନ୍ତୁ ଏବେ ସେମାନଙ୍କ



ଆଚରଣ ଓ ଉଚ୍ଚାରଣରେ ନକରାତ୍ମକତା ସ୍ପଷ୍ଟ ବାରି ହୋଇପଡୁଛି। ବିରୋଧୀ ଦଳଗୁଡ଼ିକ 'ଜେନ୍ ଜି' ନାମରେ ଦେଶର ସୃଜନଶୀଳ ଓ ନବସୃଜନକ୍ଷମ ଯୁବବର୍ଗଙ୍କୁ ପଥଭ୍ରାନ୍ତ କରି ବିକାଶର ଧାରାକୁ ରୋକିବାକୁ ଚେଷ୍ଟା କରୁଛନ୍ତି।

ସେହିପରି ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ପୋଷ୍ଟ କରି ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ବିକାଶର ଏକ ନୂତନ ଦିଗକୁ ନେଇଛି ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବା ମହାଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରୀୟ ପ୍ରଶିକ୍ଷଣ ସହସଂଯୋଜିକା ସାଂସଦ କବିତା ପାଟିଦାର, କ୍ଷେତ୍ରୀୟ ସଂଯୋଜକ ଦୀନେଶାନନ୍ଦ ଗୋସ୍ୱାମୀ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ବିଧାୟକ ବାବୁ ସିଂ ଓ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

ସେହିପରି ସକାଳେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କୋର କମିଟି ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ ଯେ, ସରକାର ଓ ସଂଗଠନ କିଭଳି ଅଧିକ ନିଖୁଣତାର ସହ ଲୋକଙ୍କ ନିକଟତର ହେବ, ସରକାରଙ୍କ ଯୋଜନାଗୁଡ଼ିକୁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖକୁ ପହଂଚାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନର ରୋଡମ୍ୟାପ୍ ପ୍ରସ୍ତୁତି ପାଇଁ ୫ଟି ପ୍ରମୁଖ ପରାମର୍ଶ ଦେଇଛନ୍ତି। ସରକାରୀ ନିଯୁକ୍ତି ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ମନ୍ତ୍ରି ପରିଷଦ ବୈଠକରେ ବିଭିନ୍ନ ବିଭାଗର ଉପଲବ୍ଧି ଓ ଆଗାମୀ ଲକ୍ଷ୍ୟ ସମ୍ପର୍କରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ସଂଗଠନ ପାଇଁ କାର୍ଯ୍ୟ କରିବାବେଳେ 'ଅଳ୍ପରେ ସନ୍ତୁଷ୍ଟ ନହୋଇ ନିରନ୍ତର ପ୍ରୟାସ ଜାରି ରଖିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଛନ୍ତି।

ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନବୀନ ଜଟଣୀରେ ପ୍ରଶିକ୍ଷଣ ଶିବିର ପରେ ସପରିବାର ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏହାସହିତ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିଥିଲେ। ଶ୍ରୀ ନବୀନଙ୍କ ପୁରୀ ଗସ୍ତବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ପୁରୀ ସାଂସଦ ସମ୍ବିତ ପାତ୍ର ମଧ୍ୟ ତାଙ୍କ ସହ ରହିଥିଲେ। ପୁରୀରୁ ଫେରି ପୁଣିଥରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ବିଭିନ୍ନ ମୋର୍ଚ୍ଚାର ରାଜ୍ୟ କର୍ମକର୍ତ୍ତାଙ୍କ ସହ ବୈଠକ କରି ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ପଦାଧିକାରୀ, ସାଂସଦ ଓ ବିଧାୟକଙ୍କ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଓଡ଼ିଶା ପ୍ରଭାରୀ ଓ ସହପ୍ରଭାରୀଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।ବିଶେଷକରି ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ପରାମର୍ଶ ଦେବା ସହ କର୍ମକର୍ତ୍ତାଙ୍କ ସଙ୍ଗେ ସିଧାସଳଖ ଆଲୋଚନା ମଧ୍ୟ କରିଥିଲେ।

# ଓଡ଼ିଶାରେ ସହରାଞ୍ଚଳ ପରିବହନର ନୂଆ ପରିଭାଷା ସୃଷ୍ଟି କରୁଛି 'କ୍ରୁଟ୍'

ଭୁବନେଶ୍ୱର: କମ୍ପ୍ରିହେନ୍‌ସିଭ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏକ ସ୍ଥାୟୀ ଏବଂ ନାଗରିକ-କେନ୍ଦ୍ରିକ ସାର୍ବଜନୀନ ପରିବହନ ବ୍ୟବସ୍ଥା ଭାବେ ଜାତୀୟ ସ୍ତରରେ ଏକ ମାପଦଣ୍ଡ ସାଜିଛି। ବୈଦ୍ୟୁତିକ ଗତିଶୀଳତାର ଦ୍ରୁତ ସମ୍ପ୍ରସାରଣ, ପ୍ରଯୁକ୍ତିବିଦ୍ୟା-ଆଧାରିତ ଯାତ୍ରୀ ସେବା, ଉନ୍ନତ ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ତର୍ଭୁକ୍ତୀକରଣ କର୍ମଚାରୀ ବିକାଶ ମାଧ୍ୟମରେ ଏହା ସମଗ୍ର ଓଡ଼ିଶାରେ ସହରାଞ୍ଚଳ ପରିବହନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି।

୨୦୨୪ରୁ ଏପ୍ରିଲ ୨୦୨୬ ମଧ୍ୟରେ କ୍ରୁଟ୍ ନିଜର ସାର୍ବଜନୀନ ପରିବହନ ନେଟୱର୍କକୁ ଯଥେଷ୍ଟ ସମ୍ପ୍ରସାରିତ କରିଛି, ଯାହାଫଳରେ ଏହାର ସକ୍ରିୟ ବସ୍ ସଂଖ୍ୟା ୭୬୦ ରେ ପହଞ୍ଚିଛି ଏବଂ ଓଡ଼ିଶାର ସବୁଜ ଗତିଶୀଳତା ଆଡ଼କୁ ଯାତ୍ରାକୁ ଅଧିକ ତ୍ୱରାନ୍ୱିତ କରିଛି। ୨୦୨୪ ମସିହାରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ସଫଳତାର ସହ ଇଲେକ୍ଟ୍ରିକ୍ ବସ୍ ସେବା ଆରମ୍ଭ କରାଯାଇଥିଲା। ଏହାପରେ ୨୦୨୫ ରେ ରାଜଧାନୀ ଅଞ୍ଚଳରେ ୮୦ ଟି ମିଡି ଇଲେକ୍ଟ୍ରିକ୍ ବସ୍, ୫ ଟି ଇଲେକ୍ଟ୍ରିକ୍ ଡବଲ୍-ଡେକର୍ ବସ୍, ପୁରୀରେ ୩୫ ଟି



ଇଲେକ୍ଟ୍ରିକ୍ ବସ୍ ଏବଂ ନରାଜରେ ୧୦୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ କରାଯାଇଥିଲା। ୨୦୨୬ ମସିହାରେ, କେନ୍ଦୁଝର ୨୫ ଟି ଇଲେକ୍ଟ୍ରିକ୍ ବସ ସହିତ ଓଡ଼ିଶା ଏହି ବର୍ଦ୍ଧିତ ବୈଦ୍ୟୁତିକ ଗତିଶୀଳତା ନେଟୱର୍କରେ ଯୋଗ ଦେଇଛି। ଏହି ବର୍ଦ୍ଧିତ ବସ୍ ସଂଖ୍ୟାକୁ ସହାୟତା ପ୍ରଦାନ କରିବା ପାଇଁ କ୍ରୁଟ୍ ଗାଡକଣ, ନରାଜ, ପୁରୀ, ସମ୍ବଲପୁର, ବ୍ରହ୍ମପୁର ଏବଂ କେନ୍ଦୁଝରଠାରେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ଡିପୋ କାର୍ଯ୍ୟକ୍ଷମ କରିଛି। ଚନ୍ଦ୍ରଶେଖରପୁର ଏବଂ ମାଷ୍ଟରକ୍ୟାଣ୍ଟିନ୍ ? ଠାରେ ସ୍ୱତନ୍ତ୍ର 'ଇଲେକ୍ଟ୍ରିକ୍ ଟର୍ମିନାଲ୍' ସହିତ କଟକରେ ନୂତନ ଭାବେ ବିକଶିତ ୧୫୩ ଟି ବସ୍ ରାଜ୍ୟରେ ସାର୍ବଜନୀନ ପରିବହନ ଭିତ୍ତିଭୂମିକୁ ଅଧିକ ମଜବୁତ କରିଛି।

ଆଧୁନିକ ଏବଂ ସ୍ଥାୟୀ ସହରାଞ୍ଚଳ ପରିବହନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମାନ୍ୟବର ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ଓଡ଼ିଶା ସରକାର ରାଜ୍ୟର ସମସ୍ତ ନାଗରିକଙ୍କୁ ସୁରକ୍ଷିତ, ସୁଲଭ, ପରିବେଶ ଅନୁକୂଳ ଏବଂ ପ୍ରଯୁକ୍ତିବିଦ୍ୟା-ଆଧାରିତ ସାର୍ବଜନୀନ ପରିବହନ ସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । କ୍ରୁଟ୍ର ଏହି ଉଲ୍ଲେଖନୀୟ ପ୍ରଗତି ଆମର ସେହି ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି, ଯେଉଁଠାରେ ସାର୍ବଜନୀନ ପରିବହନ ଯାତ୍ରାର ପ୍ରଥମ ପସନ୍ଦ ପାଲଟିବ। ଏହି ସଫଳତା ଆଗାମୀ ପିଢ଼ି ପାଇଁ ଅଧିକ ସବୁଜ, ସ୍ମାର୍ଟ ଏବଂ ସମାବେଶୀ ସହର ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି।

ଏହି ବ୍ୟାପକ ଆଧୁନିକୀକରଣ ବ୍ୟବସ୍ଥା ଯୋଗୁଁ ସିଷ୍ଟମ ପ୍ରତି ଜନସାଧାରଣଙ୍କ ଆସ୍ଥା ବୃଦ୍ଧି ପାଇଛି। କ୍ରୁଟ୍ ଏବେ ଦୈନିକ ହାରାହାରି ୩ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସେବା ଯୋଗାଉଛି, ଯାହା ଏହାକୁ ଦେଶର ଅନ୍ୟତମ ସଫଳ ସାର୍ବଜନୀନ ପରିବହନ ବ୍ୟବସ୍ଥାରେ ପରିଣତ କରିଛି। ଏଥିସହିତ ମୋଟ ଭଡ଼ା ଆଦାୟର ପ୍ରାୟ ୪୫ ପ୍ରତିଶତ ଡିଜିଟାଲ୍ କାରବାର ମାଧ୍ୟମରେ ହେଉଛି, ଯାହା ପ୍ରଯୁକ୍ତିବିଦ୍ୟା-ଆଧାରିତ ପରିବହନ ବ୍ୟବସ୍ଥାକୁ ଲୋକେ ଆଦରି ନେଉଥିବାର ପ୍ରମାଣ ଦେଉଛି।

ସ୍ଥାୟୀ ସହରାଞ୍ଚଳ ପରିବହନ ପାଇଁ ରାଜ୍ୟର ଦୀର୍ଘକାଳୀନ ଦୂରଦୃଷ୍ଟି ଉପରେ ଗୁରୁତ୍ୱ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, କହିଛନ୍ତି, 'ଓଡ଼ିଶା ଏଭଳି ଏକ ସାର୍ବଜନୀନ ପରିବହନ ବ୍ୟବସ୍ଥା ଗଠନ କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହା ସ୍ଥାୟୀ, ପ୍ରଯୁକ୍ତିବିଦ୍ୟା-ଚାଳିତ, ଅନ୍ତର୍ଭୁକ୍ତୀକରଣ ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ସହଜଲଭ୍ୟ ହେବ। ଇଲେକ୍ଟ୍ରିକ୍ ବସର ଦ୍ରୁତ ସମ୍ପ୍ରସାରଣ, ଡିଜିଟାଲ୍ ଗତିଶୀଳତା ସମାଧାନ ଏବଂ ସମନ୍ୱିତ ପରିବହନ ଭିତ୍ତିଭୂମି ଆମର ପରିବେଶ ଅନୁକୂଳ ଏବଂ ନାଗରିକ-କେନ୍ଦ୍ରିକ ଭବିଷ୍ୟତର ସହର ଗଠନର ପରିକଳ୍ପନାକୁ ଦର୍ଶାଉଛି। କ୍ରୁଟ୍‌ର ସଫଳତା ଦର୍ଶାଉଛି ଯେ କିପରି ଉଦ୍ଭାବନ ଏବଂ ସୁଶାସନ ମାଧ୍ୟମରେ ସହରାଞ୍ଚଳ ପରିବହନର ରୂପାନ୍ତରଣ କରାଯାଇପାରିବ ଏବଂ ରାଜ୍ୟବାସୀଙ୍କ ଜୀବନଶୈଳୀରେ ସୁଧାର ଅଣାଯାଇପାରିବ।

# ମୋଦୀ ମନ୍ତ୍ରିମଣ୍ଡଳରେ ଅଦଳବଦଳ ଚର୍ଚ୍ଚା !

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଓ ସମ୍ପ୍ରସାରଣକୁ ନେଇ ଦିଲ୍ଲୀର ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ସରକାରୀ ସୂତ୍ର ଅନୁସାରେ, ସଂସଦର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ଏହା ହେବାର ସମ୍ଭାବନା କମ୍। ଜୁଲାଇ ୨୦ ପାଖାପାଖି ଆରମ୍ଭ ହେବାକୁ ଥିବା ମୌସୁମୀ ଅଧିବେଶନରେ ସରକାରର ପ୍ରାଥମିକତା ଗୁରୁତ୍ୱପୂର୍ଣ୍ଣ ବିଲ୍ ? ପାସ୍ କରିବା ଉପରେ ରହିଛି। ଏହି କାରଣରୁ ମନ୍ତ୍ରିମଣ୍ଡଳ ଅଦଳବଦଳ ସେପଟେମ୍ବର-ଅକ୍ଟୋବରରେ ହୋଇପାରେ ବୋଲି କୁହାଯାଉଛି।

ସରକାରଙ୍କ ସାମ୍ନାରେ ପରିସୀମନ (ସୀମା ପୁନଃନିର୍ଦ୍ଧାରଣ) ଏବଂ 'ଏକ ଦେଶ, ଏକ ନିର୍ବାଚନ' ଭଳି ଗୁରୁତ୍ୱପୂର୍ଣ୍ଣ ବିଲ୍ ? ଗୃହୀତ କରାଇବାର ଚ୍ୟାଲେଞ୍ଜ ରହିଛି। ସଂସଦର ଉଭୟ ସଦନରେ ସରକାରଙ୍କ ପାଖରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନ ଥିବାରୁ



ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କଲେ କିଛି ନେତା ଅସନ୍ତୁଷ୍ଟ ହୋଇପାରନ୍ତି। ଏହାର ପ୍ରଭାବ ବିଲ୍ ? ଆଗତ ପ୍ରକ୍ରିୟା ଉପରେ ପଡ଼ିପାରେ। ସେଥିପାଇଁ ସରକାର ଅଧିବେଶନ ପରେ ଅଦଳବଦଳ କରିବାକୁ ଅଧିକ ଉପଯୁକ୍ତ ମନେ କରୁଥିବା କୁହାଯାଉଛି।

ପ୍ରଧାନମନ୍ତ୍ରୀଙ୍କ ବ୍ୟସ୍ତ କାର୍ଯ୍ୟସୂଚୀ ମଧ୍ୟ ତୁରନ୍ତ ଅଦଳବଦଳ ସମ୍ଭାବନାକୁ କମାଇ ଦେଇଛି। ରାଷ୍ଟ୍ରପତି ଦ୍ରେ ?ପଦୀ ମୁର୍ମୁ ଦୁଇଦିନିଆ ଆନ୍ଧ୍ରପ୍ରଦେଶ ଗସ୍ତରେ ଅଛନ୍ତି ଓ ଜୁଲାଇ ପହିଲାକୁ ଫେରିବେ। ଜୁଲାଇ ୧ରୁ ୩ ମଧ୍ୟରେ ଜାପାନ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ବ୍ୟସ୍ତ ରହିବେ। ଏହାପରେ ଜୁଲାଇ ୪ରେ ତାଙ୍କର ରାଜସ୍ଥାନ ଗସ୍ତ କାର୍ଯ୍ୟକ୍ରମ ଅଛି। ଜୁଲାଇ ୬ରୁ ୧୧ ପର୍ଯ୍ୟନ୍ତ ସେ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ। ନୂଆ ମନ୍ତ୍ରୀମାନଙ୍କୁ ଅଧିବେଶନ ପୂର୍ବରୁ କାମ ବୁଝିବା ପାଇଁ ମଧ୍ୟ ପର୍ଯ୍ୟାପ୍ତ ସମୟ ମିଳିବ ନାହିଁ। ତେବେ ୨୦୨୧ରେ ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳରେ ବଡ଼ ଧରଣର ଅଦଳବଦଳ ହୋଇଥିବାରୁ ଶେଷ ମୁହୂର୍ତ୍ତରେ ମଧ୍ୟ ଏପରି ନିଷ୍ପତ୍ତି ଅସମ୍ଭବ ନୁହେଁ ବୋଲି ରାଜନୈତିକ ମହଲରେ ଆଲୋଚନା ଚାଲିଛି।

ସମ୍ଭାବ୍ୟ ଅଦଳବଦଳରେ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା, ଯୁବ ନେତାଙ୍କୁ ସୁଯୋଗ, ମହିଳା ପ୍ରତିନିଧିତ୍ୱ, ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ ଗୁରୁତ୍ୱ ଏବଂ ଆସନ୍ତା ବର୍ଷ ସାତଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ବିଚାରକୁ ନିଆଯାଇପାରେ। ପୂର୍ବତନ ଅମଲାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବା ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ପୂର୍ବତନ ଆ ?ବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି, ଯଦିଓ ଏନେଇ କୌଣସି ସରକାରୀ ପୁଷ୍ଟି ହୋଇନାହିଁ। ଶକ୍ତିକାନ୍ତ ନ ହେଲେ ଓଡ଼ିଶାରୁ ଜଣେ ମହିଳା ସାଂସଦଙ୍କୁ ସୁଯୋଗ ମିଳିପାରେ ବୋଲି କୁହାଯାଉଛି। ବର୍ତ୍ତମାନ କିଛି ମନ୍ତ୍ରିପଦ ଖାଲି ହୋଇଛି କିମ୍ବା ପରିବର୍ତ୍ତନର ସମ୍ଭାବନା ରହିଛି। ଜର୍ଜ କୁରିଏନ୍ ? ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବା ପରେ ମନ୍ତ୍ରିପଦରୁ ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ ପଙ୍କଜ ଚୌଧୁରୀ ଓ ହର୍ଷ ମାଲହୋତ୍ରାଙ୍କୁ ଯଥାକ୍ରମେ ଉତ୍ତରପ୍ରଦେଶ ଓ ଦିଲ୍ଲୀ ବିଜେପିର ସଭାପତି କରାଯାଇଥିବାରୁ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ନୀତି ଅନୁଯାୟୀ ସେମାନଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳ ଅଦଳବଦଳ ସମ୍ପର୍କରେ ସରକାରଙ୍କ ପକ୍ଷରୁ କୌଣସି ଔପଚାରିକ ଘୋଷଣା କରାଯାଇନାହିଁ।

# ପୂର୍ବାଞ୍ଚଳ-ପୂର୍ବୋତ୍ତର ରାଜ୍ୟରୁ ନିବେଶ ଆସିବ,

## ସୀମାବର୍ତ୍ତୀ-ପଛୁଆ ଜିଲ୍ଲା ଉପକୃତ ହେବେ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର:** ପୂର୍ବ ଓ ପୂର୍ବୋତ୍ତର ରାଜ୍ୟରୁ ନିବେଶ ହାସଲ କରିବା ତଥା ରାଜ୍ୟର ପଛୁଆ ଓ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଶିଳ୍ପାୟନର ନୂଆ ଯୁଗ ଆରମ୍ଭ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର 'ଗୋ-ଇଷ୍ଟ' ପ୍ଲାଟ୍ ?ଫର୍ମ ପ୍ରସ୍ତୁତ କରିଛନ୍ତି। ସିଆଇଆଇ ପୂର୍ବାଞ୍ଚଳ ପରିଷଦ ବେ ?ଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ଲାଟ୍‌ଫର୍ମକୁ ଉନ୍ମୋଚନ କରିଛନ୍ତି।

'ଓଡ଼ିଶା ସରକାର: ଇଷ୍ଟର୍ଣ୍ଣ ଇନ୍‌ଭେଷ୍ଟମେଣ୍ଟ୍ ଆକ୍ସେଲରେଟର ଆଣ୍ଡ୍ ସ୍ପେସିଆଲ୍ ଟାସ୍କ ଫୋର୍ସ' (ଗୋ-ଇଷ୍ଟ) ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ। ତାହା ସବୁ ନିବେଶ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବ। ଇକିପଲ୍‌ରେ ଏକ ସ୍ୱତନ୍ତ୍ର 'ଗୋ-ଇଷ୍ଟ ପ୍ରକୋଷ୍ଠ' ମଧ୍ୟ ଗଠନ କରାଯିବ। ନିବେଶ ପ୍ରକ୍ରିୟା ଓ ମଞ୍ଜୁରି ସ୍ଥିତିର ବାସ୍ତବ ସ୍ଥିତି ନିରୀକ୍ଷଣ ଓ ଟ୍ରାକିଂ ପାଇଁ ସ୍ୱତନ୍ତ୍ର 'ଗୋ-ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସର୍ବାଧିକ ପୁଞ୍ଜିନିବେଶ ହେବ ଓ ସେଠାରେ ନୂଆ ଶିଳ୍ପ ବିକାଶ କେନ୍ଦ୍ର ଗଢ଼ି ଉଠିବ। ଆଗାମୀ ପାଞ୍ଚ ବର୍ଷରେ ଓଡ଼ିଶା ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶିଳ୍ପ ନୀତି ୨୦୨୨ରେ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଉପରେ ଆଲୋକପାତ କରି ସେ କହିଥିଲେ ଯେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୈଦ୍ଧ ଓ ଗଜପତି ଭଳି ରାଜ୍ୟର ୧୫ଟି ଜିଲ୍ଲାକୁ (ପୃଷ୍ଠା-୩ ଦେଖନ୍ତୁ)

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA

ଜୀବନ ଯେମିତି

ମାତୃତ୍ୱ ନାରୀ ଜୀବନର ପୂର୍ଣ୍ଣତା। ନାରୀ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ୱପୂର୍ଣ୍ଣ ଦାୟିତ୍ୱବୋଧକୁ ସଠିକ୍ ଭାବେ ପାଳନ କରିବା ହେଉଛି ନାରୀର ପ୍ରଥମ କର୍ତ୍ତବ୍ୟ। ପାରିବାରିକ ଦାୟିତ୍ୱ ସହ ତାଳ ଦେଇ ଜଣେ ସ୍ନେହମୟୀ ମାଆ ହେବାର ଗୌରବ ଲାଭ କରେ। କିନ୍ତୁ ଆଜିର ଏଇ ଆଧୁନିକ ଯୁଗରେ ପ୍ରାୟ ସମସ୍ତେ ନିଜକୁ ଆତ୍ମନିର୍ଭରଶୀଳ କରିବାକୁ ଆଗେଇ ଆସୁଛନ୍ତି। ସେଥିପାଇଁ ଗୃହିଣୀଙ୍କ ତୁଳନାରେ କର୍ମଜୀବୀ ମହିଳାମାନେ ପିଲାର ଯତ୍ନ ନେବାରେ ସବୁବେଳେ ଅସୁବିଧାର ସାମ୍ନା କରନ୍ତି। କ୍ୟାରିୟର ଓ ପରିବାରକୁ ସମତୁଳ ଭାବେ ଚଳାଇବା ସହଜସାଧ୍ୟ ହୁଏ। ମାତ୍ର ନିଜ ଭିତରେ ଆତ୍ମବିଶ୍ୱାସ ଓ ସକାରାତ୍ମକ ପ୍ରୟାସ କରାଗଲେ ଜଣେ ଉତ୍ତମ ମା ହେବା ସଙ୍ଗେ ସଙ୍ଗେ କର୍ମନିଷ୍ଠ କର୍ମଜୀବୀ ହୋଇପାରିବେ।



# କର୍ମଜୀବୀ ମହିଳା ଓ ମା' ହେବାର ଦାୟିତ୍ୱକୁ ସଜାଡ଼ିବାର ମନ୍ତ୍ର

ଗତ ବର୍ଷ ଭାରତୀୟ ଏକ ୱେବ୍‌ସାଇଟ୍‌ର ସର୍ଭେ ଅନୁଯାୟୀ, ଯେଉଁ ମହିଳାମାନେ ବିବାହ ପରେ କାମ ଜାରି ରଖୁଛନ୍ତି ସେମାନେ ଡ଼େ କେୟାର୍ ବା ବେବି କେୟାର୍ ଭଳି ସୁବିଧାମାନ ପାଇପାରିଛନ୍ତି। ଚାକିରିର ଆବଶ୍ୟକତା ତଥା କ୍ୟାରିୟରକୁ ଆଗକୁ ବଢ଼ିବା ପାଇଁ ମହତ୍ୱକାଂକ୍ଷା ହିଁ ଏହାର ମୂଳ କାରଣ, ଯେଉଁଥିପାଇଁ ସେମାନେ କ୍ୟାରିୟର୍ ପ୍ରତି ଆଗ୍ରହୀ ହେଉଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ କିଛି ମହିଳା ଉଭୟରେ ଭାରସାମ୍ୟ ରଖିନପାରି ପଛଘୁଞ୍ଚା ଦେବା ସହ ଅଶାନ୍ତିରେ ଦିନ କାଟୁଛନ୍ତି।

ନୋଏଡ଼ା ସ୍ଥିତ ଏକ ସଫ୍ଟୱେୟାର୍ କମ୍ପାନୀରେ ଅନୁରାଧା କାର୍ଯ୍ୟରତ। ତାଙ୍କର ଏକ ଝିଅ ହେବା ପରେ କମ୍ପାନୀ ତାଙ୍କୁ ତିନି ମାସ ପାଇଁ ଘରେ ରହି କାମ କରିବାକୁ ସୁଯୋଗ ଦେଇଥିଲା। ଅତି କମ୍‌ରେ ଏକ ବର୍ଷ ପର୍ଯ୍ୟନ୍ତ ପିଲାକୁ ସଂପୂର୍ଣ୍ଣ ଧ୍ୟାନ ଦେବା ସହ ସ୍ତନ୍ୟପାନ କରାଇବାକୁ ସେ ଚାହାଁନ୍ତି। ଘରେ ତାଙ୍କ ସହିତ ଶାଶୂ-ଶ୍ୱଶୁର ମଧ୍ୟ ଅଛନ୍ତି, ଘରର କୌଣସି ଦାୟିତ୍ୱକୁ ସେମାନେ ଭାଗ ବାଣ୍ଟି କରିନିଅନ୍ତି।

ମାତ୍ର ଅନୁରାଧାଙ୍କ ଭଳି ସବୁ ମହିଳାମାନଙ୍କ ପରିସ୍ଥିତି ସମାନ ନଥାଏ। ଘରେ ବାହାରେ ସନ୍ତୁଳନ ରଖି ଚଳିବା ଏତେ ସହଜ କଥା ନୁହେଁ। ଦିଲ୍ଲୀର ୩୦ ବର୍ଷୀୟା ମାର୍କେଟିଂ ଏକ୍‌ଜ୍ୟୁକେଟିଭ୍ ନେହାଙ୍କର ପୁଅ ହୋଇଥିବା ନେଇ ସେ ବହୁତ ଖୁସି ଥିଲେ। ତିନି ଚାରି ମାସ ପର୍ଯ୍ୟନ୍ତ ସେ ପୁଅର ଖୁବ୍ ଯତ୍ନ ନେଲେ। ଏହାପରେ ଘରେ ବେବି କେୟାରଟେକର୍ ରଖିବା ପରେ କାର୍ଯ୍ୟରେ ଯୋଗ ଦେଇଥିଲେ। ହେଲେ ମାଆର ଅନୁପସ୍ଥିତି ହେତୁ ପିଲା ଅଧିକାଂଶ ସମୟ ଅସୁସ୍ଥ ରହିଲା। ପିଲାର ଦୁର୍ବଳ ଅବସ୍ଥାକୁ ଦେଖି ଡାକ୍ତର ଅତି କମ୍‌ରେ ଏକ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବାକୁ ପରାମର୍ଶ ଦେଲେ। ତେବେ ଏକା ସମୟରେ ଚାକିରି ଓ ପିଲା ପ୍ରତି ଧ୍ୟାନ ଦେବା ସମ୍ଭବ ନଥିଲା, ତେଣୁ ସେ ବାଧ୍ୟ ହୋଇ ଚାକିରି ଛାଡ଼ି ଦେଇଥିଲେ।

ଗର୍ଭାବସ୍ଥାକୁ ସବୁଠାରୁ କଠିନ ତଥା ସାବଧାନତାର ସମୟ ବୋଲି କୁହାଯାଇଥାଏ। ପ୍ରକୃତ ପରୀକ୍ଷା ପ୍ରସବ ପରେ ହିଁ ଆରମ୍ଭ ହୋଇଯାଏ, କାରଣ ମାତୃତ୍ୱକୁ ସାମ୍ନା କରିବା ଗର୍ଭାବସ୍ଥା ସମୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ। ଦେଖିବାକୁ ଗଲେ, ଆଜିକାଲି ଏହା ବେଶୀ କଠିନତର ହୋଇଯାଇଛି। ଏକକ ପରିବାର, ଭରସାଯୋଗ୍ୟ ସହାୟକ ନମିଳିବା ଏବଂ ଚାକିରିରେ ସଂପୃକ୍ତ ମହିଳାମାନଙ୍କ ପାଇଁ ବେଶୀ କଷ୍ଟକର ହୋଇପଡ଼ିଛି। ଯାହାକି ମାତୃତ୍ୱ-କ୍ୟାରିୟର୍‌କୁ ଏକ କାଚଘରର ଖେଳ ପରି କରିଦେଇଛି। ଅନ୍ୟପକ୍ଷେ କ୍ୟାରିୟର୍‌ରୁ ବିରତ ନେବା ଅର୍ଥ ନିଜକୁ ପରିବର୍ତ୍ତନଶୀଳ ଏହି ପୃଥିବୀରେ ପାଦ ମିଳେଇ ଚାଲିବାକୁ ଅସମର୍ଥ ବୋଲି ଘୋଷଣା କରିବା।

କିନ୍ତୁ ଆପଣଙ୍କୁ ଏସବୁର ଉର୍ଦ୍ଧ୍ୱରେ ରହି ଶାନ୍ତ ଭାବେ କ୍ୟାରିୟର ଏବଂ ନିଜ ପରିବାର ପ୍ରତି ସମ୍ବେଦନଶୀଳ ହେବାକୁ ପଡ଼ିବ। ପରିସ୍ଥିତି ତଥା ପରିବେଶ ଅନୁପଯୋଗୀ ହେଲେ ମଧ୍ୟ ଏହାକୁ ସାମାନ୍ୟ ମନେକରି ସବୁପ୍ରତି ଯତ୍ନଶୀଳ ହେବା ଆବଶ୍ୟକ।

**ଉପଯୁକ୍ତ ମାର୍ଗ ଚୟନ:** ଜୀବନର କଷ୍ଟସାଧ୍ୟ ସମୟରେ ବି ସକାରାତ୍ମକ ଚିନ୍ତାଧାରା ଏବଂ ଉପଯୁକ୍ତ ମୁହୂର୍ତ୍ତକୁ ଅପେକ୍ଷା କରିବା ପନ୍ଥା ବିଭିନ୍ନ ସମସ୍ୟା ସମାଧାନର ବାଟ ଦେଖାଇ ଦେଇଥାଏ। ଦିନଚର୍ଯ୍ୟା ବଦଳାଇବା, ପାରିବାରିକ-ସାମାଜିକ ସଂପର୍କକୁ ସୁଧାରିବା ଏବଂ ସ୍ୱାମୀ, ବନ୍ଧୁ ବା ସଂପର୍କୀୟମାନଙ୍କୁ ସାହାଯ୍ୟ ମାଗିବା ଦ୍ୱାରା ବହୁତ ଅସୁବିଧା ଦୂର ହୋଇଥାଏ।

**ଦିନଚର୍ଯ୍ୟାରେ ପରିବର୍ତ୍ତନ:** ପ୍ରଥମ ଥର ପାଇଁ ମାତୃତ୍ୱ ଲାଭ କରିଥିବା ସ୍ତ୍ରୀମାନଙ୍କ ପକ୍ଷେ ଭରପୂର ନିଦ ନିହାତି ଆବଶ୍ୟକ ଅଟେ। ଯଦି ସେ ଚାକିରି କରିଥା'ନ୍ତି ତାହେଲେ ତ ଦିନଚର୍ଯ୍ୟା ଅଧିକ ଅବ୍ୟବସ୍ଥିତ ଦେଖାଯାଏ। ପିଲା ସହ ଶୋଇବା-ଉଠିବାର ଶୈଳୀ ସଂପୂର୍ଣ୍ଣ ବଦଳିଯାଏ। ସେଥିପାଇଁ ଡାକ୍ତରମାନଙ୍କ ମତ, ପିଲା ଅତି କମ୍‌ରେ ୧୪-୧୫ ଘଣ୍ଟା ଏବଂ ମା ୭-୮ ଘଣ୍ଟା ଶୋଇବା ଆବଶ୍ୟକ। ଏଥିପାଇଁ ପିଲାକୁ ଶୁଆଇବା ପରେ ଘରର କାମ ସବୁ ଶେଷ କରିବାକୁ ଚେଷ୍ଟା କରିବା ବୁଦ୍ଧିମତ୍ତାର ପରିଚୟ। ଏଥିସହ ଆଗାମୀ ଦିନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରି ରଖନ୍ତୁ। ଚାକିରି କରୁଥିବା ମହିଳାମାନଙ୍କ ପାଇଁ ସକାଳ ସମୟ ସବୁଠାରୁ ଅଧିକ ବ୍ୟସ୍ତବହୁଳ ହୋଇପଡ଼େ। ସକାଳେ ପିଲା ଉଠିବାର ଦୁଇ ତିନି ଘଣ୍ଟା ପୂର୍ବରୁ ଉଠିବା ଦରକାର, ଏହି ସମୟରେ ଘରର କାମ ସବୁ ସାରିଦେବା ଭଲ।



**ବ୍ୟାୟାମ:** ପ୍ରସବ ପରେ ମହିଳାଙ୍କ ଶରୀରରେ ଜମା ହୋଇରହିଥିବା ଅତିରିକ୍ତ ଚର୍ବିକୁ ବ୍ୟାୟାମ ଦ୍ୱାରା କମାଯାଇପାରେ। ଏଥିସହ ଶରୀରରେ ଶକ୍ତିର ମାତ୍ରା ବଢ଼ିବା ସହ ଚିନ୍ତାରୁ ମୁକ୍ତି ମିଳିଥାଏ। କର୍ମଜୀବୀ ମା'ମାନଙ୍କ ପାଇଁ ସପ୍ତାହରେ ଅତି କମ୍‌ରେ ୩-୪ ଦିନ ୩୦ ମିନିଟ୍ ବ୍ୟାୟାମ କରିବା ଜରୁରୀ। ଯଦି ବାହାରକୁ ଯିବା ପାଇଁ ସମୟ ମିଳୁନି ତା'ହେଲେ ଘରେ କିଛି ବ୍ୟାୟାମ କରିନେବା ଦରକାର। ମହିଳାଙ୍କୁ ସବୁବେଳେ ଟାଇମ୍ ମ୍ୟାନେଜ୍‌ମେଣ୍ଟ କରିବାକୁ ପଡ଼ିଥାଏ। ଯେମିତିକି, ଅଳ୍ପ ଆଞ୍ଚରେ ଖାଇବା ବସାଇ ଗୋଟେ ବ୍ୟାୟାମ କରିଦେବା, ପିଲା ଟିକେ ବଡ଼ ହୋଇଗଲେ ତା'ସହ ସନ୍ଧ୍ୟାରେ ଟିକେ ସମୟ ବାହାରେ ବୁଲିବା ଉଭୟଙ୍କ ପାଇଁ ଲାଭଦାୟକ। ଏହାଛଡ଼ା କିଛି ସମୟ ଏକାନ୍ତରେ ବସିବା ସହ ଧ୍ୟାନ କରିବା ମଧ୍ୟ ଭଲ।

**ଖାଦ୍ୟପେୟ:** ଉଭୟ ମା ଓ ପିଲାକୁ ସୁସ୍ଥ ତଥା ପୋଷଣ ଖାଦ୍ୟପେୟ ମିଳିବା ଆବଶ୍ୟକ। ପ୍ରସବ ପରେ ମା'କୁ ଖାଇବା ପିଇବାରେ ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ। ଦିନରେ ୩-୪ଟି ଫଳ, ସବୁଜ ପନିପରିବା, ଗହମ ଜାତୀୟ ସମସ୍ତ ଖାଦ୍ୟପଦାର୍ଥ ମା ପାଇଁ ବେଶ୍ ଉପକାରୀ ଅଟେ। ପ୍ରସବର କିଛିଦିନ ପର୍ଯ୍ୟନ୍ତ ଫାଷ୍ଟଫୁଡ୍ ବା ତେଲ ଜାତୀୟ ଖାଦ୍ୟଠାରୁ ନିଜକୁ ଦୂରେଇ ରଖିବା ଦରକାର।

**ସ୍ତନ୍ୟପାନ କରାଇବା:** ଡ଼ାକ୍ତରଙ୍କ ମତ ଯେ, ମୁଖ୍ୟତଃ ଜନ୍ମରୁ ଛଅ ମାସ ପର୍ଯ୍ୟନ୍ତ ଶିଶୁ ପାଇଁ ମା କ୍ଷୀର ସର୍ବୋତ୍ତମ। କର୍ମଜୀବୀ ମହିଳାମାନେ ପ୍ରସବର ତିନିମାସ ପର୍ଯ୍ୟନ୍ତ ମାଟିନିଟି ଛୁଟିରେ ଥା'ନ୍ତି। ତେଣୁ ଏହି ସମୟରେ ପିଲାକୁ ଯଥାସମ୍ଭବ ସମୟ ଦେବା ଦରକାର। ଏମିତିରେ ବି ଆଜିକାଲି କେତେକ କମ୍ପାନୀ ମହିଳା କର୍ମଚାରୀଙ୍କୁ ଘରେ ରହି ଅଫିସ୍ କାମ କରିବା, ପାର୍ଟ ଟାଇମ୍ କାମ ବା ଅବୈତନିକ ଛୁଟି ମଞ୍ଜୁର କରିବା ଭଳି ସୁବିଧା ସୁଯୋଗମାନ ଦେଉଛନ୍ତି। ପିଲାର ଯତ୍ନ ପାଇଁ କିଛି ଦିନ ପର୍ଯ୍ୟନ୍ତ ଏଭଳି ସୁବିଧାକୁ ମଧ୍ୟ ପ୍ରାଥମିକତା ଦେବା ଜରୁରୀ।

**ମନୋଭାବରେ ପରିବର୍ତ୍ତନ:** ପ୍ରଥମ ଥର ପାଇଁ ପିଲାକୁ ଛାଡ଼ି କାମରେ ଯୋଗ ଦେବା ସବୁ ମା'ଙ୍କ ପାଇଁ କଷ୍ଟଦାୟକ। କେତେକ ସମୟରେ ମା ଏଥିପାଇଁ ଅପରାଧବୋଧ ମନେକରେ। ଏହି କଷ୍ଟ ବେଳକୁ ବେଳ ବଢ଼ିବା ସହ ପିଲା ଓ କ୍ୟାରିୟର ଉପରେ କୁପ୍ରଭାବ ପକାଇଥାଏ। ଏଭଳି ମନୋଭାବରୁ ବାହାରି ଆସି ଉଭୟଙ୍କୁ ଧ୍ୟାନ ଦେବା ଜରୁରୀ। ଏହି ଚିନ୍ତା ବା ଅବସାଦରୁ ମୁକ୍ତି ପାଇବା ପାଇଁ ପିଲାକୁ ନାନାବାୟା ଗୀତ ଶୁଣାଇବା, ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା କିଛି ସମୟ ବିତେଇବା, କେବେକେବେ ପାର୍ଲର ଯିବା ଓ ମାର୍କେଟିଂରେ ନିଜକୁ ନିୟୋଜିତ କରିବା ଆବଶ୍ୟକ ହୋଇଥାଏ।

ପରିସ୍ଥିତିକୁ ସରଳ ତଥା ସହଜ କରିବା ପାଇଁ ଉଦ୍ୟମ କରିବା ଦରକାର। ପିତାମାତାଙ୍କୁ ପାଖରେ ରଖନ୍ତୁ, ସ୍ୱାମୀଙ୍କର ସହଯୋଗ ନିଅନ୍ତୁ, ଘରେ ସାହାଯ୍ୟକାରୀ ରଖିବା, କିଛି ଚଟ୍‌ପଟି ଜଳଖିଆ ରଖିବା ଆବଶ୍ୟକ। ଡିପ୍ରେସନ୍ ଅନୁଭବ କରିବା, ଶୋଇବା-ଉଠିବା, ଖାଇବାପିଇବା ଅଥବା ବ୍ୟବହାରରେ କୌଣସି ପ୍ରକାର ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଲେ ତା'କୁ ନିଜେ ସଜାଡ଼ି ନପାରିଲେ ତୁରନ୍ତ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ। ଏଥିସହ ନିଜର ଯତ୍ନ ନେଲେ ଉଭୟ ନବଜାତ ଶିଶୁ ଏବଂ କ୍ୟାରିୟର ପ୍ରତି ଉପଯୁକ୍ତ ଭାବେ ଧ୍ୟାନ ଦେଇପାରିବେ। ଏସବୁକୁ ଉପଯୁକ୍ତ ଭାବେ ଅନୁକରଣ କଲେ ଆପଣ ବି ଜଣେ ପ୍ରେରଣାମୟୀ ମାଆର ଭୂମିକା ତୁଲାଇପାରିବେ।

ଘର କରଣା

ଘରଣୀମାନେ ରୋଷେଇ କରିବା ସମୟରେ ତୁରନ୍ତ କାମ ସାରିବାକୁ ଚାହାଁନ୍ତି। ସାଧାରଣତଃ କଡ଼େଇରେ ତରକାରୀ କିମ୍ବା ଭଜା କରିବାବେଳେ ପିଆଜ ଗରମ ହୋଇ ଲାଲ୍ ହେବାକୁ ଟିକେ ସମୟ ଲାଗେ। ଠିକ୍ ସେମିତି ଅଦାରୁ ଚୋପା ଛଡ଼େଇବା ମଧ୍ୟ ସମୟସାପେକ୍ଷ। କିନ୍ତୁ ଯଦି ଘରଣୀମାନେ କିଛି ଛୋଟ ଛୋଟ ଟିପ୍ସ୍‌କୁ ମନେରଖନ୍ତି ତାହେଲେ ନିଜେ ଜଣେ ସୁଗୃହିଣୀ ହୋଇପାରିବେ...

## ରୋଷେଇ ଘରର ଟିପ୍ସ୍



୧. ପଲାଉ କିମ୍ବା ବିରିୟାନୀ ପ୍ରସ୍ତୁତ କରିବା ସମୟରେ ପିଆଜ ଭାଜିହେବା ପାଇଁ କିଛି ସମୟ ଲାଗିଯାଏ। ତେଣୁ ଆପଣ ତେଲରେ ପିଆଜକୁ ଫ୍ରାଏ କରିବା ସମୟରେ ସାମାନ୍ୟ ଚିନି ପକାଇଦିଅନ୍ତୁ। ଦେଖିବେ ପିଆଜ ଜଲ୍‌ଦି ଫ୍ରାଏ ହୋଇଯିବା ସହ କ୍ରିସ୍‌ପି ଲାଗିବ।

୨. ରୋଷେଇ ସମୟରେ ଅଦାରୁ ଚୋପା ଛଡ଼ାଇବା ପାଇଁ ଟିକେ ସମୟ ଲାଗିଯାଏ। ଅଦା ଚୋପାକୁ ଛୁରୀରେ ଛଡ଼ାଇଲେ ଅଧିକ ସମୟ ଲାଗେ। ତେଣୁ ଯଦି ଆପଣ ଏକ ଛୋଟ ଚାମଚ ସାହାଯ୍ୟରେ ଚୋପା ଛଡ଼ାଇବେ ତାହା ତୁରନ୍ତ ହୋଇଯିବ।

୩. ଯଦି ଆପଣ ଅଦା-ରସୁଣକୁ ପେଷ୍ଟ କରି ଗୋଟିଏ ବନ୍ଦ ଡବାରେ ପୁରାଇ ଫ୍ରିଜ୍‌ରେ ରଖିଦେବେ ତାହାଲେ ପ୍ରତିଦିନ ମସଲା ତିଆରି କରିବା ଚିନ୍ତା ରହିବନି। କିନ୍ତୁ କେବେ କେବେ ଫ୍ରିଜ୍‌ରେ ମଧ୍ୟ ମସଲା ନଷ୍ଟ ହୋଇଯାଏ। ତେଣୁ ଅଦା-ରସୁଣକୁ ପେଷ୍ଟ କରିସାରିବା ପରେ ଏହି ପେଷ୍ଟ୍‌ରେ ଏକ ଚାମଚ ଗରମ ତେଲ ମିଶେଇଦେବେ। ଏବେ ଏହାକୁ ଆପଣ ଫ୍ରିଜ୍‌ରେ ରଖିଲେ କିଛିଦିନ ପର୍ଯ୍ୟନ୍ତ ନଷ୍ଟ ହେବାର ସମ୍ଭାବନା ରହିବନି।



ଏବେ ଅସହ୍ୟ ଖରାର ତାତି। ଏଥିରେ ଜଣେ ବ୍ୟକ୍ତି ଅଂଶୁଘାତ ବା ହୃଦ୍‌ଘାତରେ ପଡ଼ିବା କିଛି ଅସ୍ୱାଭାବିକ ନୁହେଁ। ତେଣୁ ନିଜକୁ ଏପରି ଖରାରେ ଠିକ୍‌ଠାକ୍ ରଖିବେ କିପରି ?

## ଖରାରେ ବି ରୁହନ୍ତୁ ଫିଟ୍ !

- ଖରାଦିନେ ସାଧାରଣତଃ ଅତ୍ୟଧିକ ଝାଳ ବୋହିବା, ଜଳୀୟଅଂଶ କମ୍ ହୋଇଯିବା ଯୋଗୁଁ ଆମେ ଖୁବ୍ ସମୟରେ ହାଲିଆ, ଦୁର୍ବଳ ହୋଇଯାଉ। ଏହାକୁ ସମତୁଳ କରିବା ପାଇଁ ପ୍ରଚୁର ମାତ୍ରାରେ ପାଣି ପିଇବା ଆବଶ୍ୟକ। ଏଥିସହ ଲେମ୍ବୁ, କମଳା, କାକୁଡ଼ି, ତରଭୁଜ ଭଳି ଅଧିକ ମାତ୍ରାରେ ଜଳୀୟଅଂଶ ଥିବା ଖାଦ୍ୟପଦାର୍ଥ ଖାଇବା ଉଚିତ୍।
- ଟାଣ ଖରାରେ ବାହାରକୁ ନଯିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତୁ। ଅତି ଜରୁରୀ ଥିଲେ ପାଣି, ଛତା ଓ ଦରକାରୀ ଔଷଧପତ୍ର ସାଙ୍ଗରେ ନେଇ ବାହାରନ୍ତୁ। ସକାଳ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରେ ବୁଲନ୍ତୁ ନାହିଁ।
- ଖରାଦିନେ ଆପଣଙ୍କୁ ସୂତା, ହାଲ୍‌କା, ଫିକା ରଙ୍ଗର ପୋଷାକ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ମାତ୍ର କଳା ରଙ୍ଗର ପୋଷାକକୁ ବାଦ୍ ଦିଅନ୍ତୁ ଓ ମୁଣ୍ଡରେ ଟୋପି, ଆଖିରେ ଚଷମା ଲଗାଇବା ଉଚିତ୍।
- ଖରାଦିନେ ମୁଣ୍ଡବ୍ୟଥା, ଶୁଷ୍କପଣ, ହୃଦ୍‌ଘାତ, ଅଂଶୁଘାତ ଜନିତ ଦୁର୍ବଳତା ଅନୁଭୂତ ହୋଇଥାଏ। ତେଣୁ ଏହି ଦିନଗୁଡ଼ିକରେ ନିୟମିତ ଭାବେ ଖାଦ୍ୟପାନୀୟ ପ୍ରତି ଧ୍ୟାନ ଦେବା ସହ ସାମାନ୍ୟ ଅସୁସ୍ଥତା ଅନୁଭବ କଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍।
- ଏହି ଦିନଗୁଡ଼ିକରେ ଜଙ୍କ୍‌ଫୁଡ୍ ତଥା ଅତ୍ୟଧିକ ତୈଳାକ୍ତ, ମସଲାଯୁକ୍ତ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ଖରାଦିନରେ ମଦ୍ୟପାନ ଶରୀର ପାଇଁ ଅଧିକ କ୍ଷତିକାରକ।
- ଅନ୍ୟ ଦିନ ଅପେକ୍ଷା ଖରାଦିନେ କିଛି ସମୟ ବାହାର କରି ବ୍ୟାୟାମ, ଯୋଗ, ଦୌଡ଼, ଖେଳକୁଦ କରିବା ଓ କିଛି ବାଟ ଚାଲିବା ଦ୍ୱାରା ଫୁର୍ତ୍ତି ଅନୁଭବ ହୁଏ। ଏହାଦ୍ୱାରା ଶାରୀରିକ ଦୁର୍ବଳତା ଓ ଥକାପଣ ହାଲୁକା ହୋଇପାରେ।
- ଶାରୀରିକ ପରିଶ୍ରମ କରୁଥିବା ଲୋକମାନେ ଦିନବେଳା କାମ ନକରିବା ଉଚିତ୍। ମୁଖ୍ୟତଃ ମଧ୍ୟାହ୍ନର ଖରାଠାରୁ ନିଜକୁ ଦୂରେଇ ରଖିବା ଆବଶ୍ୟକ।
- ସୂର୍ଯ୍ୟଙ୍କର ଅତିବାଇଗଣୀ ରଶ୍ମି ସିଧାସଳଖ ଚର୍ମରେ ପଡ଼ିବା ଦ୍ୱାରା ଘିମିରି, ସନ୍‌ବର୍ଣ୍ଣ ଭଳି ଚର୍ମ ରୋଗ ହେବାର ଆଶଙ୍କା ରହିଛି। ତେଣୁ ବାହାରକୁ ଯିବାର ୧୫-୨୦ ମିନିଟ୍ ଆଗରୁ ସନ୍‌ସ୍କିନ୍ ଲୋସନ୍ ଲଗାଇଯାଆନ୍ତୁ।

ଫ୍ୟାସନ୍ ମାନିଆ

## ଷ୍ଟାଇଲିଶ୍ ହେଲ୍‌ମେଟ୍ ମାନିଆ

ଘରୁ ବାହାରିଲେ ଆଗ ଖୋଜାପଡ଼େ ହେଲ୍‌ମେଟ୍। ରାସ୍ତାଘାଟରେ ଗାଡ଼ିମଟରରେ ଯିବାଆସିବା କରିବା ପାଇଁ ହେଲ୍‌ମେଟ୍ ହେଉଛି ଆମର ସୁରକ୍ଷାକବଚ। ସୁରକ୍ଷା ନିୟମ ଦୃଷ୍ଟିରୁ ବାଇକ୍‌ରେ ଚାଳକ ଏବଂ ତାଙ୍କ ପଛରେ ବସିଥିବା ଯାତ୍ରୀ ମଧ୍ୟ ହେଲ୍‌ମେଟ୍ ପିନ୍ଧି ଯିବାଆସିବା କରିବା ଉଚିତ୍। ନିକଟରେ ଦିଲ୍ଲୀ ସରକାର ଏହି ନିୟମକୁ କଡ଼ାକଡ଼ି କରିଥିବାବେଳେ ଦିଲ୍ଲୀବାସୀ ଏହାକୁ ସ୍ୱାଗତ କରିଛନ୍ତି। ଖାଲି ଦିଲ୍ଲୀ କାହିଁକି ସବୁ ଅଞ୍ଚଳରେ ଏହି ନିୟମକୁ ଗାଡ଼ି ଚାଳକମାନେ ପାଳନ କରିବା ଉଚିତ୍। ଏଭଳି ଏକ ନିୟମ ଅଥବା



ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଜିର ଯୁବତୀମାନେ ନିଜକୁ ଏକ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ। କାହିଁକିନା ଆଜିକାଲି ବଜାରରେ ଯୁବତୀମାନଙ୍କ ପାଇଁ ବିଭିନ୍ନ ଡିଜାଇନ୍‌ର କଲର୍‌ଫୁଲ୍ ହେଲ୍‌ମେଟ୍ ମିଳୁଛି। ତେଣୁ ଆପଣ ଗୋଲାପୀ, ନୀଳ, ହଳଦିଆ, କମଳା, ସବୁଜ ଭଳି କେତେକ ସୁନ୍ଦର ସୁନ୍ଦର ରଙ୍ଗରେ ବଟର୍‌ଫ୍ଲାଏ, ଆନିମଲ୍ କିମ୍ବା ଫ୍ଲୋରାଲ୍ ପ୍ରିଣ୍ଟ ଥିବା ହେଲ୍‌ମେଟ୍ ଦେଖି କିଣିପାରିବେ। ଏଭଳି କିଛି ଖାସ୍ ହେଲ୍‌ମେଟ୍ ବି ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବ।










# ଏସ୍ଆଇଆର୍: ଜୁଲାଇ ୫ ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

**ଭୁବନେଶ୍ୱର:** ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ଚିଠା ତାଲିକା ଜୁଲାଇ ୫ରେ ପ୍ରକାଶ ପାଇବ। ଏହା ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ୪ ଅଗଷ୍ଟ ଯାଏଁ ଫର୍ମ-୬ (ଫର୍ମ ୬)-ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ, ଫର୍ମ-୭ (ଫର୍ମ ୭) ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ (ଫର୍ମ ) ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ।



ଏହି ପ୍ରସଙ୍ଗରେ ଆଜି (ବୁଧବାର) ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପାଳନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟର ସଫଳ ସମାପ୍ତି, ଡିଜିଟାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା (Draft Electoral Roll) ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା।

କୌଣସି ମଧ୍ୟ ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି ଏବଂ ଭୋଟର ତାଲିକା ଯେପରି ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ ରହେ, ତାହା ନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଚିଠା ଭୋଟର ତାଲିକାର ଯାଞ୍ଚ ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି।

ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ଼ ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂ ଙ୍କ ସମେତ ରାଜନୈତିକ ଦଳ ବହୁଜନ ସମାଜ ପାର୍ଟି (ବିଏସପି) ପକ୍ଷରୁ ମଧୁସୂଦନ ଯାଦବ, ସିପିଆଇ (ଏମ୍) ପକ୍ଷରୁ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରତୀୟ ଜାତୀୟ କଂଗ୍ରେସ(ଆଇଏନସି) ପକ୍ଷରୁ ପ୍ରକାଶ ମିଶ୍ର, ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ସନ୍ଦିପ୍ତ ଦାସ ଏବଂ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଦେବୀ ପ୍ରସାଦ ମିଶ୍ର ଓ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣଶିକ୍ଷା ବିଭାଗର ବଡ଼ ଘୋଷଣା,

# ଛାତ୍ରୀଛାତ୍ରଙ୍କୁ ମିଳିବ ସମ୍ପୂର୍ଣ୍ଣ ନୂଆ ବହି

**ଭୁବନେଶ୍ୱର:** ଛାତ୍ରଛାତ୍ରୀଙ୍କୁ ମିଳିବ ସମ୍ପୂର୍ଣ୍ଣ ନୂଆ ବହି । ଚଳିତ ବର୍ଷରେ ହିଁ ନୂଆ ବହି ଯୋଗାଇ ଦେବେ ସରକାର । ଯଥା ସମ୍ଭବ ଛାତ୍ରୀଛାତ୍ରଙ୍କୁ ବହି ଯୋଗାଇ ଦିଆଯିବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏନ୍ ତିରୁମାଲା ନାଏକ ପ୍ରକାଶ କରିଛନ୍ତି।



ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ଶହଶହ ତ୍ରୁଟିକୁ ନେଇ ଅଡୁଆରେ ପଡିଥିବା ସରକାର ଶେଷରେ ବଡ଼ ନିଷ୍ପତ୍ତି ନେଇଛନ୍ତି । ଭୁଲ ପୁସ୍ତକକୁ ନେଇ ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ସମେତ ସୋସିଆଲ ମିଡିଆରେ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡିଥିଲା। ଶେଷରେ ନୂଆ ବହି ଦେବାକୁ ସରକାର ଘୋଷଣା କରିଛନ୍ତି ।

ସ୍କୁଲ ଓ ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାଏକ କହିଛନ୍ତି ଯେ, ଚଳିତ ଶିକ୍ଷା ବର୍ଷରେ ହିଁ ଛାତୀଛାତ୍ର ନୂଆ ପୁସ୍ତକରେ ପାଠ ପଢ଼ିବେ । ନୂଆ ପୁସ୍ତକ ପହଞ୍ଚିବା ପର୍ଯ୍ୟନ୍ତ ସଂଶୋଧିତ ପୁସ୍ତକ ଜରିଆରେ ପିଲା ପାଠ ପଢ଼ିବେ । ତ୍ରୁଟି ଶୂନ୍ୟ ପାଠ୍ୟ ପୁସ୍ତକ ପାଇଁ ବିଶେଷଜ୍ଞ ଏବଂ ସାଧାରଣ ଲୋକଙ୍କ ମତାମତ ନିଆଯିବ ବୋଲି ସେ କହିଛନ୍ତି। ଏପରିକି ଗଣଶିକ୍ଷା ବିଭାଗର ୱେବସାଇଟରେ ସଂଶୋଧିତ ତାଲିକା ପ୍ରକାଶ କରାଯିବ । ସମ୍ପୂର୍ଣ୍ଣ ସଂଶୋଧନ ପରେ ନୂଆ ବହି ଯୋଗାଇ ଦେବେ ସରକାର ।

# ତାତି ବଢ଼ାଉଛି ବେଆଇନ ଇଟାଭାଟି

**ବେତନଟୀ :** ମୟୂରଭଞ୍ଜ ଜିଲ୍ଲା ବେତନଟୀ ତହସିଲ ଅଞ୍ଚଳ ଅଧୀନ ପାଟୁଳିପୁରା ପଞ୍ଚାୟତର ବିଭିନ୍ନ ସ୍ଥାନରେ ତଥା ବୈଶିଙ୍ଗା-ମାଣତ୍ରୀ ରାସ୍ତା ପାର୍ଶ୍ୱରେ ଏକାଧିକ ବେଆଇନ ଇଟାଭାଟି ପୋଡ଼ା ଚାଲିଛି। ବେତନଟୀ ଅଞ୍ଚଳରେ ଲଗାତାର କିଛି ଦିନ ହେବ ତାପମାତ୍ରା ୪୦ ଡିଗ୍ରି ପାଖାପଖି ରହୁଥିବା ବେଳେ ଇଟାଭାଟିରୁ ନିର୍ଗତ ନିଆଁ ପ୍ରକୋପରେ ଅସ୍ୱାଭାବିକ ଭାବେ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହୋଉଛି। ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଇଟାଭାଟି ନିଆଁ ଝାସ ଓ ଧୂଆଁ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ରାଜସ୍ୱ ବିଭାଗର କୌଣସି କଟକଣାକୁ ଖାତିର ନ କରି ଏହି ଅଞ୍ଚଳରେ ବେଆଇନ ଭାବେ ବ୍ୟବସାୟୀମାନେ ଇଟାଭାଟି ଚଳାଇଥିବା ଅଭିଯୋଗ ହୋଇ ଆସୁଛି। ଅନ୍ୟପଟେ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ ବେଧଡ଼କ ଇଟାପୋଡ଼ା ଯୋଗୁଁ ବିପୁଳ ରାଜସ୍ୱହାନି ସହ ଲଘୁଖଣିଜ ଦ୍ରବ୍ୟ ଆଇନ ସହ ରାଜସ୍ୱ ଆଇନ ଖୋଲାଖୋଲି ଉଲ୍ଲଂଘନ ହେବାରେ ଲାଗିଛି। ସରକାରଙ୍କ ରାଜସ୍ୱ ଆଇନ ଯେତେ କୋଠର ହେଉଛି ସମ ପରିମାଣରେ ତୃଣମୂଳ ସ୍ତରରେ ରାଜସ୍ୱ ସଂଗ୍ରହ ଆଇନକୁ ଜଳାଞ୍ଜଳି ଦିଆଯାଯାଉଥିବା ଅଭିଯୋଗ ହେଉଛି। ବେଆଇନ କାରବାରକୁ ରୋକିବା ସହ ରାଜସ୍ୱ ସଂଗ୍ରହକୁ ଗୁରୁତ୍ୱ ଦିଆଯିବା ସହ ଜଳ ଜମି ଜଙ୍ଗଲ ଗ୍ରାମ ପରିବେଶ ସୁରକ୍ଷାକୁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ବେଳେ ବେତନଟୀ ତହସିଲ ଅଞ୍ଚଳରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବେତନଟୀ ତହସିଲ ଅଧୀନ ପାଟୁଳିପୁରା ପଞ୍ଚାୟତରେ ସଠିକ ପରିବେଶ ମଞ୍ଜୁରୀ ନ ଥାଇ ମଧ ଏକାଧିକ ବେଆଇନ ଇଟାଭାଟି ଗଡ଼ି ଉଠିଥିଲା ବେଳେ ରାଜସ୍ୱ ବିଭାଗ କିଂକର୍ତ୍ତ୍ୟବ୍ୟବିମୁଢ଼ ଅବସ୍ଥା ରେ ଥିବା ପ୍ରତୀୟମାନ ହେଉଛି। ବେଆଇନ ଇଟାଭାଟି ମାଲିକଙ୍କ ଦବଦବା ସମ୍ମୁଖରେ ତହସିଲ ପ୍ରଶାସନ ନତମସ୍ତକ ହୋଇ ରହିବା ଅଞ୍ଚଳବାସୀଙ୍କୁ ଚକିତ କରିଛି। ସରକାରଙ୍କ ରାଜସ୍ୱ ଆଇନ ମୁତାବକ ଉପରଇଟାଭାଟି ସମ୍ପୂର୍ଣ ବେଆଇନ ହୋଇଥିବା ବେଳେ ଚିମିନିଭାଟି ପାଇଁ ପ୍ରଦୂଷଣନିୟନ୍ତ୍ରଣ ବୋର୍ଡ ଶ୍ରମବିଭାଗର ମଞ୍ଜୁରୀ ପରିବେଶ ପ୍ରମାଣପତ୍ର ମାଇନିଂପ୍ଲାନ ପ୍ରମାଣପତ୍ର ଏବଂ ଜାନ୍‌ସତି ମଠ ମନ୍ଦିର ବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ନିର୍ଦ୍ଧାରିତ ଦୂରରେ ଇଟାଭାଟି ପାଇଁ ନିୟମ ଥିଲା ବେଳେ ସେସବୁକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ସେହିଭଳି ନଦୀ କୂଳରେ ଇଟାଭାଟି ପାଇଁ ନିର୍ଦ୍ଦେଶ ନ ଥିଲେ ମଧ ପ୍ରାୟ ଇଟାଭାଟି ନଦୀ କୂଳରେ ଚାଲିଛି । ଉକ୍ତ ତହସିଲ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀକୁଳିଆ ଗ୍ରାମ ପାଟୁଳିପୁରା ଓ କାଠପାଳ ଅଞ୍ଚଳର ରାସ୍ତା ପାର୍ଶ୍ୱରେ ବେଆଇନଭାବେ ଚିମିନି ଇଟାଭାଟିରେ ବେଆଇନ ଇଟା ପୋଡ଼ା ଚାଲିଛି। ତେବେ ପଡ଼ୋଶୀ ବାଲେଶ୍ୱର ଜିଲ୍ଲାରେ ଗଢି ଉଠିଥିବା ଏକାଧିକ ଇଟାଭାଟିକୁ ବେଆଇନ ଦର୍ଶାଇ ଜିଲ୍ଲା ପ୍ରଶାସନ ବନ୍ଦ କରିଦେଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଏତେ ସଂଖ୍ୟକ ଇଟାଭାଟି କେଉଁ ଆଇନ ବଳରେ ଚାଲିଛି ଓ ତହସିଲ ପ୍ରଶାସନ ପକ୍ଷରୁ କାହିଁକି ପଦକ୍ଷେପ ନିଆଯାଉନାହିଁ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟିକରିଛି। ତେବେ ଏହି ଅଞ୍ଚଳରେ ଗଢ଼ି ଉଠିଥିବା ଚିମିନିଭାଟି ଗୁଡ଼ିକ ବେଆଇନଭାବେ ସବୁ ଗାଇଡ଼ଲାଇନକୁ ଉଲ୍ଲଂଘନ କରି ଚାଲିଛନ୍ତି। ସୂଚନା ଅନୁଯାଇ ବେତନଟୀ ତହସିଲ ଅଧୀନ ଉକ୍ତ ଅଞ୍ଚଳରେ ଜଳ ବାୟୁ ପରିବେଶ ସମେତ ଆବଶ୍ୟକୀୟ ପଞ୍ଜୀକରଣ ପ୍ରମାଣ ନଥାଇ ଚିମିନିଭାଟି ଚାଲିଥିବା ବେଳେ ସେଥିପ୍ରତି ମଧ ଅଙ୍କୁଶ ନାହିଁ। ବେଆଇନ ଇଟାଭାଟି ଗୁଡ଼ିକରୁ ରୟାଲିଟି ଜରିମାନା ଜଳଭୂମିକର ଇଟାପ୍ରତି ଥିବା ଟ୍ୟାକ୍ସ ଅତି ସ୍ୱଳ୍ପ ପରିମାଣରେ ଓ ତାହା ଇଟାଭାଟି ମାଲିକଙ୍କ ଦୟାରେ ନିର୍ଭର କରୁଛି। ଗୋଟିଏ ପଟେ ପରିବେଶ ପ୍ରଦୂଷଣ ସହ ଏତେ ମାତ୍ରାରେ ବେଆଇନ ଇଟାଭାଟି ଅଞ୍ଚଳରେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି କରୁଥିବା ବେଳେ ଇଟାଭାଟିର ଧୂଆଁରେ ଜନଜୀବନ ପ୍ରଭାବିତ ହେବାରେ ଲାଗିଛନ୍ତି। ଅନ୍ୟପଟେ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ ବେଧଡ଼କ ଇଟାପୋଡ଼ା ଯୋଗୁଁ ବିପୁଳ ରାଜସ୍ୱହାନୀ ସହ ଲଘୁଖଣିଜ ଦ୍ରବ୍ୟ ଆଇନ ସହ ରାଜସ୍ୱଆଇନ ଖୋଲାଖୋଲି ଉଲ୍ଲଂଘନ ହେବାରେ ଲାଗିଛି। ଉକ୍ତ ଅଞ୍ଚଳର କୌଣସି ଇଟାଭାଟିର ପ୍ରଦୂଷଣ ବୋର୍ଡର ମଞ୍ଜୁରୀ ନାହିଁ ବୋଲି କହିଛନ୍ତି ବାଲେଶ୍ୱର ପ୍ରଦୂଷଣ ବୋର୍ଡର କାର୍ଯ୍ୟରତ ଅଧିକାରୀ। ସେହିଭଳି ଏ ସମ୍ପର୍କରେ ମୟୂରଭଞ୍ଜ ଉପଜିଲ୍ଲାପାଳ ଈଶ୍ୱର ନାୟକଙ୍କୁ ପଚାରିବାରୁ ସେ କହିଥିଲେ କି ପୂର୍ବରୁ ତ ତାଙ୍କ ନିକଟରେ ଇଟାଭାଟି ଚାଲୁଥିବା ନେଇ ସୂଚନା ନଥିଲା ଓ ଏବେ ସମ୍ବାଦ ପ୍ରତିନିଧିଙ୍କ ଠାରୁ ଖବର ପାଇ ସ୍ଥାନୀୟ ତହସିଲଦାରଙ୍କୁ ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ପଠାଇ ଅନୁସନ୍ଧାନ କରାଉଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଅଗ୍ରାଧିକାର ଶ୍ରେଣୀ (ଥ୍ରଷ୍ଟ ସେକ୍ଟର)ରେ ସାମିଲ କରାଯିବ। ସେଠାରେ ଅଣ ଖଣିଜ ଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯିବ। ସେ କହିଲେ, ପୂର୍ବରୁ ଶିଳ୍ପ ପ୍ରତିଷ୍ଠା କରିବାକୁ ୪୦୦ ଦିନ ସମୟ ଲାଗୁଥିଲା। ତାହା ଏବେ ୧୬୦ ଦିନକୁ ହ୍ରାସ ପାଇଛି। ଆଗକୁ ତାହାକୁ ୧୦୦ ଦିନ ପର୍ଯ୍ୟନ୍ତ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୪ ଜୁନ ପରଠାରୁ ସରକାର ପ୍ରାୟ ୯.୫ ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ। ଏଥିମଧ୍ୟରୁ ୩.୧୧ ଲକ୍ଷ କୋଟିରୁ ଅଧିକ ନିବେଶ ସହିତ ୧୨ଟି ପ୍ରୋଜେକ୍ଟର ଗ୍ରାଉଣ୍ଡିଂ ସରି ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ ପର୍ଯ୍ୟାୟରେ ପହଞ୍ଚିଛି। ଓଡ଼ିଶା ଏବେ କେବଳ ଖଣିଜ-ଭିତ୍ତିକ ଅର୍ଥନୀତିରେ ସୀମିତ ନ ରହି ଷ୍ଟିଲ୍, ଆଲୁମିନିୟମ, କେମିକାଲ୍ସ, ପେଟ୍ରୋକେମିକାଲ୍ସ ସହ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଭଳି ଭବିଷ୍ୟତର ଉଦ୍ୟୋଗ ଉପରେ ଗୁରୁତ୍ୱାରୋପ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବଶକ୍ତିଙ୍କୁ ଆଧୁନିକ ଜ୍ଞାନକୌଶଳ ଦକ୍ଷତା ପ୍ରଦାନ କରିବା ଉପରେ ସରକାର କାର୍ଯ୍ୟ କରୁଥିବା ସେ କହିଥିଲେ। ସେହିପରି, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ଶିଳ୍ପ ଭିତ୍ତିଭୂମି, ଉନ୍ନତ ବିମାନ ତଥା ବନ୍ଦର ସଂଯୋଗୀକରଣ ଯୋଗୁଁ ଓଡ଼ିଶା ଏବେ କେବଳ ପୂର୍ବ ଭାରତ ନୁହେଁ, ବରଂ ସମଗ୍ର ଦେଶ ପାଇଁ ମାନୁଫାକ୍ଚରିଂର ପ୍ରମୁଖ ଗେଟ୍‌ୱେ ସାଜିଛି। ଏହି ଅବସରରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ, ସିଆଇଆଇ ପୂର୍ବ ଆଞ୍ଚଳିକ ଉପାଧ୍ୟକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା ପରିଷଦ ଅଧ୍ୟକ୍ଷ ଅନିଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA

## ପରାସ୍ତ ସମ୍ରାଟ

ବିଶ୍ୱବାସୀଙ୍କୁ ଆମେରିକାର ପରାକ୍ରମ ଦେଖାଇବାକୁ ଟ୍ରମ୍ପ ଏଇ ଯୁଦ୍ଧ ଆରମ୍ଭ କରିଥିଲେ; ହେଲେ ଏବେ ଫଳ ହୋଇଛି ଠିକ୍ ତା'ର ବିପରୀତ। ଆମେରିକାର ଶକ୍ତି କିଭଳି ସୀମିତ, ଇରାନ ବିଶ୍ୱବାସୀଙ୍କୁ ତାହା ଦେଖାଇ ଦେଇଛି। ପୂର୍ବରୁ ଭିଏତ୍‌ନାମରୁ ଆଫଗାନିସ୍ତାନ ପର୍ଯ୍ୟନ୍ତ ଆମେରିକା ଯେଉଁ ଦଶା ଭୋଗ କରିଥିଲା, ଇରାନରେ ତାହାର ପୁନରାବୃତ୍ତି ଘଟିଛି- କେବଳ ଏକମାତ୍ର ଫରକ ହେଲା ଆମେରିକୀୟ ସେ?ନ୍ୟମାନେ ଇରାନରେ ପ୍ରବେଶ କରି ନ ଥିବାରୁ, ସେଠାରେ ନରମେଧରୁ ବର୍ତ୍ତି ଯାଇଛନ୍ତି। ଅତ୍ୟାଚାରୀ ଏକଛତ୍ର ଶାସକ କାଲିଗୁଲାଙ୍କ ପରି ପ୍ରାଚୀନ ରୋମାନ ସମ୍ରାଟମାନେ ସେମାନଙ୍କର ମନୋରଞ୍ଜନ ପାଇଁ କଲୋସିଅମ ଭିତରେ ମନୁଷ୍ୟ ଓ ସିଂହ ଭଳି ହିଂସ୍ର ଜନ୍ତୁ ମଧ୍ୟରେ ଲଢ଼େଇ ଆୟୋଜନ କରିବା କଥା ଇତିହାସ କହିଥାଏ। ଆମେରିକାର ରାଷ୍ଟ୍ରପତି ଡୋନାଲ୍?ଡ ଟ୍ରମ୍ପ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚିତ ମୁଖ୍ୟ ହୋଇଥିଲେ ହେଁ ତାଙ୍କର ସମ୍ରାଟସୁଲଭ ମନମୁଖୀ କାର୍ଯ୍ୟକଳାପ ଦେଖି ତା' ବିରୁଦ୍ଧରେ ସେଠାରେ ନିୟମିତ ବ୍ୟବଧାନରେ ଦେଶବ୍ୟାପୀ 'ନୋ କିଙ୍ଗସ' ପ୍ରତିବାଦମାନ ପ୍ରଦର୍ଶିତ ହେବା ଦେଖାଯାଇଥାଏ। ଏହା କିନ୍ତୁ ତାଙ୍କ ଉପରେ ଯେ ସାମାନ୍ୟତମ ପ୍ରଭାବ ପକାଇ ପାରିନାହିଁ, ତାହାର ପ୍ରମାଣ ଦେଖିବାକୁ ମିଳିଥିଲା ଗତ ରବିବାର ଦିନ ଟ୍ରମ୍ପ ହ୍ୱାଇଟ ହାଉସ ଠାରେ ଆୟୋଜନ କରିଥିବା ନିଜର ୮୦ତମ ଜନ୍ମଦିନ ପାଳନ ଶେ?ଳୀରେ। ସେଦିନ ସେ ତାଙ୍କର ସେଇ ଐତିହ୍ୟସଂପନ୍ନ ବାସଭବନ ପରିସରରେ କାଲିଗୁଲାଙ୍କୁ ଅନୁସରଣ କଲାଭଳି ଏକ ବିଶାଳ ପଞ୍ଜୁରି ସ୍ଥାପନ କରି ତା' ଭିତରେ ଦୁଇଜଣ ମିଶ୍ରିତ ମାର୍ସିଆଲ ଆର୍ଟ ଯୋଦ୍ଧାଙ୍କ ମଧ୍ୟରେ ଏକ ନିର୍ମମ ଲଢ଼େଇ ବା 'କେଜ୍ ଫାଇଟ' ଆୟୋଜନ କରି ପଞ୍ଜୁରି ଧାରରେ ନିଜର ମିତ୍ରମାନଙ୍କ ସହିତ ବସି ସେ ରକ୍ତାକ୍ତ ହିଂସ୍ର ଦୃଶ୍ୟକୁ ମନଭରି ଉପଭୋଗ କରିଥିଲେ। (ଟ୍ରମ୍ପଙ୍କର ଉପଭୋଗକୁ ସଂପୂର୍ଣ୍ଣ କରିବା ପାଇଁ ବିଜୟୀ ଯୋଦ୍ଧା ଜଣକ ବିନା କାରଣ ଓ ପ୍ରସଙ୍ଗରେ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ପତ୍ନୀ ମିସେଲ ଓବାମା ହେଉଛନ୍ତି ଜଣେ ପୁରୁଷ ବୋଲି ଘୋଷଣା କରିଥିଲେ, ଯାହା ପ୍ରତିକ୍ରିୟା ସ୍ୱରୂପ ଟ୍ରମ୍ପଙ୍କ ଠାରେ ଏକ ଆମୋଦିତ ସ୍ମିତହାସ୍ୟ ସୃଷ୍ଟି କରିଥିଲା।)

ସମ୍ରାଟ ଟ୍ରମ୍ପ ନିଜର ଜନ୍ମଦିନ ପାଳନକୁ କେବଳ ଏଇ ଅସଭ୍ୟ ଉତ୍ସବ ପାଳନରେ ସୀମିତ ରଖି ନ ଥିଲେ। ସେ ସେଦିନ ନିଜ ପାଇଁ ଅନ୍ୟ ଏକ ବୃହତ୍ ଉପହାର ପ୍ରଦାନ ଲାଗି ମଧ୍ୟ ଆ?ୟୋଜନ କରିଥିଲେ: ଇରାନ ସହିତ ଯୁଦ୍ଧ ସମାପ୍ତି ରାଜିନାମା ସମ୍ବନ୍ଧରେ ଘୋଷଣା। ଏଥି ପୂର୍ବରୁ ଟ୍ରମ୍ପ ୩୯ଥର ଏଭଳି ଘୋଷଣା କରି ସାରିଥିଲେ, ଯାହା ପ୍ରତିଥର ମିଥ୍ୟା ସାବ୍ୟସ୍ତ ହୋଇ ଆସିଥିଲା। ଏଥର କିନ୍ତୁ ଉଭୟ ପକ୍ଷ ମଧ୍ୟରେ ସହମତିର ଅଧିକ ସମ୍ଭାବନା ଥିବାରୁ ଟ୍ରମ୍ପ ଏହାକୁ ଏକ ଜନ୍ମଦିନ ଉପହାରରେ ପରିଣତ କରିବାକୁ ଯୋଜନା କରିଥିଲେ। ତାଙ୍କର ଏଇ ଯୋଜନା କିନ୍ତୁ ଦୁଇଟି କାରଣରୁ ଆଂଶିକ ଭାବରେ ବିଫଳ ହୋଇଛି ବୋଲି କୁହାଯାଇପାରେ। ପ୍ରଥମ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘାଚି ଜାଣିଶୁଣି ଏଇ ଘୋଷଣାକୁ ଏପରି ବିଳମ୍ବିତ କରିଦେଲେ ଯେ ତାହା ପ୍ରକାଶ ପାଇବା ବେଳକୁ ଇରାନରେ ସୋମବାର ହୋଇ ସାରିଥିଲା। ସେ ଯଦି କେତେ ଘଣ୍ଟା ପୂର୍ବରୁ ଏଇ ଘୋଷଣା କରିଥାନ୍ତେ, ତେବେ ଉଭୟ ଆମେରିକା ଓ ଇରାନରେ ହୋଇପାରିଥାନ୍ତା ରବିବାର- ଟ୍ରମ୍ପଙ୍କ ଜନ୍ମଦିନ। ଦ୍ୱିତୀୟ, ଯଦିବା ଏହା ଲେଖା ହେବା ପର୍ଯ୍ୟନ୍ତ ଶୁକ୍ରବାର ଦିନ ଜେନିଭା ଠାରେ ଉଭୟ ପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ହେବାକୁ ଯାଉଥିବା ଏଇ ୧୪-ସୂତ୍ରୀ ବୁଝାମଣା ('ଏମଓୟୁ')ର ବିଷୟବସ୍ତୁ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଭାବରେ କେ?ଣସି ସୂଚନା ପ୍ରକାଶ ପାଇନାହିଁ, ଯାହା ଆଭାସ ମିଳୁଛି ଏହା ହେଉଛି ଇରାନ ପାଇଁ ଏକ ପ୍ରକାର ବିଜୟ ଓ ଟ୍ରମ୍ପଙ୍କ ପାଇଁ ଆତ୍ମସମର୍ପଣ ଭଳି।

# ଜଳ ସଂରକ୍ଷଣ ଜୀବନ ସଂରକ୍ଷଣ !

ଡ. ରୀନା ରାଉତରାୟ, ପରିବେଶ ବିଜ୍ଞାନୀ

**ବିଶ୍ୱରେ କୋଟି କୋଟି ଲୋକ ଅଛନ୍ତି। ଯେଉଁମାନେ ପିଇବା ପାଣି ଟୋପେ ଠିକ୍ ଭାବରେ ପାଇପାରୁନାହାନ୍ତି। ଯଦି ବା କିଛି ପାଉଛନ୍ତି ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ। କେଉଁଠି ପିଇବା ପାଣି ପାଇଁ ହିଂସାତ୍ମକ ପ୍ରତିକ୍ରିୟା ତ ଆଉ କେଉଁଠି ଶହ ଶହ ଲିଟର ପାଣି ନଷ୍ଟ ହେଉଛି। ଜଳ କ୍ଲିଷ୍ଟ ଅଂଚଳରେ ମହିଳାମାନେ ମାଇଲ୍ ମାଇଲ୍ ଧରି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପାଣି ସଂଗ୍ରହରେ ଯାଉଛନ୍ତି। ଜୀବଜନ୍ତୁଙ୍କ କଥା ତ ବହୁ ଦୂରରେ। ସେମାନଙ୍କର ପାଟି ଫିଟୁନଥିବାରୁ ଆମେ ତାଙ୍କ ଅଧିକାରକୁ ମଧ୍ୟ କ୍ଷୁଣ୍ଣ କରିବାରେ ଲାଗିଛୁ।**

ପୃଥିବୀର ଦୁଇ ତୃତୀୟାଂଶ ଜଳ। ସେଥି ମଧ୍ୟରୁ ଶତକଡ଼ା ତିନି ଭାଗ ମଧୁର ଜଳ ଏବଂ ମାତ୍ର ଶତକଡ଼ା ଏକ ଭାଗ ପାନୀୟ ଜଳ। ସେହିପରି ମନୁଷ୍ୟର ଶରୀରର ଶତକଡ଼ା ୬୦ ଭାଗ ଜଳ।

ଏକ ଗବେଷଣାରୁ ଜଣା ଯାଇଛି ମନୁଷ୍ୟର ମସ୍ତିଷ୍କ ଓ ହୃଦୟ ଶତକଡ଼ା ୭୩ ଭାଗ ଜଳରେ ତିଆରି, ଚର୍ମରେ ୬୪ ଏବଂ ମାଂସପେଶୀ, ବୃକକ ଓ ଅନ୍ୟ ଅତ୍ୟାବଶ୍ୟକୀୟ ଅଙ୍ଗ ପ୍ରତ୍ୟଙ୍ଗ ସବୁ ଶତକଡ଼ା ୭୯ ଭାଗ ଜଳ, ଏପରିକି ଆମର ଅସ୍ଥି ସମୂହ ମଧ ଶତକଡ଼ା ୩୧ ଭାଗ ଜଳରେ ତିଆରି।

ଏ ସବୁ କହିବାର ଅର୍ଥ ହେଲା ଆମ ଜୀବନ ପାଇଁ ଜଳ କେତେ ଜରୁରୀ ଓ ଏହାର ସଂରକ୍ଷଣ ଏବଂ ଦୂଷିତ ହେବାରୁ ରକ୍ଷା କରିବା ଆମ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଅଟେ ତାହାକୁ ହୃଦୟଙ୍ଗମ କରିବାର ସମୟ ଆସିଛି।

ବିଶ୍ୱରେ କୋଟି କୋଟି ଲୋକ ଅଛନ୍ତି। ଯେଉଁମାନେ ପିଇବା ପାଣି ଟୋପେ ଠିକ୍ ଭାବରେ ପାଇପାରୁନାହାନ୍ତି। ଯଦି ବା କିଛି ପାଉଛନ୍ତି ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ। କେଉଁଠି ପିଇବା ପାଣି ପାଇଁ ହିଂସାତ୍ମକ ପ୍ରତିକ୍ରିୟା ତ ଆଉ କେଉଁଠି ଶହ ଶହ ଲିଟର ପାଣି ନଷ୍ଟ ହେଉଛି। ଜଳ କ୍ଲିଷ୍ଟ ଅଂଚଳରେ ମହିଳାମାନେ ମାଇଲ୍ ମାଇଲ୍ ଧରି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପାଣି ସଂଗ୍ରହରେ ଯାଉଛନ୍ତି। ଜୀବଜନ୍ତୁଙ୍କ କଥା ତ ବହୁ ଦୂରରେ। ସେମାନଙ୍କର ପାଟି ଫିଟୁନଥିବାରୁ ଆମେ ତାଙ୍କ ଅଧିକାରକୁ ମଧ କ୍ଷୁଣ୍ଣ କରିବାରେ ଲାଗିଛୁ।

ଜଳର ଅପବ୍ୟବହାର ହିଁ ଜଳ ସଙ୍କଟର ପ୍ରମୁଖ କାରଣ। ଜୀବଜଗତକୁ ଜଳ ସଙ୍କଟରୁ ରକ୍ଷା କରିବା ବର୍ତ୍ତମାନ ସମୟର ଆହ୍ୱାନ। ଆମେ ଯେତେବେଳେ ଜଳ ସଙ୍କଟ ବିଷୟରେ ଆଲୋଚନା କରୁଛୁ ସେତେବେଳେ ଏହାର କାରଣ ଓ ସଂରକ୍ଷଣ କଥା ମନରେ ଆସୁଛି।

ଗଚ୍ଛିତ ଜଳକୁ ଆମେ ପ୍ରଦୂଷଣ ମୁକ୍ତ ରଖି ସୁପରିକଳ୍ପିତ ଭାବରେ ବଣ୍ଟନ କରିପାରିବା ତେବେ ବର୍ତ୍ତମାନର ବର୍ଦ୍ଧିତ ଜନସଂଖ୍ୟାର ପାନୀୟ ଜଳର ଚାହିଦା ମେଣ୍ଟାଯାଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଭାରତର ୮୦% ଜଳର ଉତ୍ସ ଅତିମାତ୍ରାରେ ପ୍ରଦୂଷିତ। ବଡ଼ ବଡ଼ ସହରମାନଙ୍କରେ ବର୍ଜ୍ୟବସ୍ତୁ ଏବଂ ଗୃହରୁ ନିଷ୍କାସିତ ବ୍ୟବହୃତ ଜଳ ସିଧାସଳଖ ଯାଇ ନଦୀ, ନାଳ ଓ ସମୁଦ୍ର ମଧ୍ୟରେ ମିଶି ଏହାକୁ ଦୂଷିତ କରିବା ସହିତ ଭୂତଳ ଜଳର ଉତ୍ସକୁ ମଧ ଦୂଷିତ କରିବାରେ ଲାଗିଛି। ଏକ ସର୍ଭେରୁ ଜଣାପଡ଼ିଛି ଯେ ସାରା ଭାରତରେ ମାତ୍ର ୨୬୯ଟି ଜଳ ବିଶୋଧନାଗାର ରହିଛି। ଏଥି ମଧ୍ୟରୁ ପ୍ରଥମ ଶ୍ରେଣୀ ସହରରେ ୨୧୧ଟି, ଦ୍ୱିତୀୟ ଶ୍ରେଣୀ ସହରରେ ୩୧ଟି ଏବଂ ଅନ୍ୟ ଛୋଟ ଛୋଟ ସହରରେ ୨୭ଟି ରହିଛି। ନଦୀ ଉପକୂଳରେ ଗଢ଼ି ଉଠିଥିବା ବଡ଼ ବଡ଼ ସହରଗୁଡ଼ିକ ସେମାନଙ୍କ ବର୍ଜ୍ୟବସ୍ତୁକୁ ସଠିକ୍ ଭାବରେ ବିଶୋଧନ ନ କରି ନଦୀରେ ଫିଙ୍ଗୁଛନ୍ତି ଏବଂ ସେଠି ଗଢ଼ି ଉଠିଥିବା ଶିଳ୍ପ କାରଖାନା ଗୁଡ଼ିକରୁ ନିର୍ଗତ ଦୂଷିତ ଜଳକୁ ମଧ ସଠିକ୍ ଭାବରେ ବିଶୋଧନ ନକରି ନଦୀଗୁଡ଼ିକ ସହିତ ସଂଯୋଗ କରାଯାଉଛି।

ସର୍ଭେରୁ ଜଣାପଡ଼ିଛି କି ଭୁବନେଶ୍ୱରରେ ଅବସ୍ଥିତ ୮୮ଟି ଶିଳ୍ପ କାରଖାନା ଗୁଡ଼ିକରୁ ୩୪ଟି ଶିଳ୍ପ କାରଖାନା ଜଳ ପ୍ରଦୂଷଣକାରୀ। ଏହି ଶିଳ୍ପାନୁଷ୍ଠାନଗୁଡ଼ିକ ଏହାର ନିର୍ଗତ ବିପଦଜ୍ଜନକ ରାସାୟନିକ ତରଳ ପଦାର୍ଥକୁ ବିନା ବିଶୋଧକରଣରେ ନିକଟସ୍ଥ କୁଆଖାଇ ଓ ଦୟା ନଦୀ ମଧ୍ୟରେ ନିକ୍ଷେପ କରୁଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ତଥ୍ୟ ଅନୁଯାୟୀ ଓଡ଼ିଶାର ଚାରୋଟି ପ୍ରମୁଖ ନଦୀ ବ୍ରାହ୍ମଣୀ, କାଠଯୋଡ଼ି, କୁଆଖାଇ ଓ ମହାନଦୀ ଭାରତର ଦଶଟି ଅତି ପ୍ରଦୂଷିତ ନଦୀମାନଙ୍କ ମଧ୍ୟରେ ଅନ୍ୟତମ।



**ଜଳର ସମାନ ଆବଣ୍ଟନ**

ସାରା ବିଶ୍ୱରେ ଯେତିକି ଜଳର ଉତ୍ସ ରହିଛି ତାହା ଯଦି ସମାନ ଭାବରେ ବଣ୍ଟାଯାଇପାରିବ, ତା'ହେଲେ ମଧ ଜଳ ସଙ୍କଟ ବହୁ ମାତ୍ରାରେ ଦୂର ହୋଇପାରିବ। ଯେମିତିକି ଆଫ୍ରିକା ମହାଦେଶର ମଧ ଭାଗରେ ଜଳ ବିଦ୍ୟୁତ୍ ଉତ୍ପନ୍ନ ହୋଇପାରୁଥିବାବେଳେ ଏହାର ଉତ୍ତରରେ ସାହାର ମରୁଭୂମିର ଜଳକ୍ଲିଷ୍ଟ ସର୍ବଜନ ବିଦିତ। ସେମିତି ଭାରତର ଉତ୍ତର ପୂର୍ବରେ ସବୁଠୁ ଅଧିକା ବର୍ଷା (୧,୧୮୭ ମଲ୍ଲି) ହେଉଥିବାବେଳେ ତାର ଶତକଡ଼ା ୬୦ ଭାଗ ଜଳ ବ୍ରହ୍ମପୁତ୍ରରୁ ବୋହିଯାଇ ସମୁଦ୍ରରେ ମିଶୁଛି ଅଥଚ ପଶ୍ଚିମ ରାଜସ୍ଥାନର ସବୁ ନଦୀ ଶୁଖୁଲା ପଡ଼ିଛି। ତେଣୁ ଉପଯୁକ୍ତ ସଂଯୋଗୀକରଣ କେନାଲ ତିଆରି କରାଯାଇ ଜଳର ସମାନ ଆବଣ୍ଟନ ସହିତ ବୋହିଯାଉଥବା ବର୍ଷା ଜଳକୁ ଉପଯୁକ୍ତ ବିନିଯୋଗ କରାଯାଇପାରିଲେ ଏହି ସଙ୍କଟ ଦୂର କରାଯାଇପାରିବ। ଇନ୍ଦିରା କେନାଲ ଯାହାଦ୍ୱାରା ହିମାଳୟରୁ ପଶ୍ଚିମ ରାଜସ୍ଥାନ ପର୍ଯ୍ୟନ୍ତ ଜଳ ପହଂଚି ପାରୁଛି ଏହାର ଏକ ସଫଳ ଉଦାହରଣ। ବୋହିଯାଉଥିବା ବର୍ଷାଜଳକୁ ବୋହିବାକୁ ନଦେଇ ଜଳାଶୟରେ ରଖି କୃଷି, ଶିଳ୍ପ ବା ସହରାଞ୍ଚଳକୁ ଯୋଗାଇ ଦିଆଯାଇପାରନ୍ତା।

**ପୁରାତନ ପାରମ୍ପରିକ ଜଳ ଉତ୍ସର ପୁନରୁଦ୍ଧାର**

ଦେଶରେ ବହୁ ସଂଖ୍ୟାରେ ପୁରାତନ କୂଅ, ପୋଖରୀ, ନାଳ ଏମିତିକି ନଦୀ ସମୟାନୁକ୍ରମେ ପୋତି ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଜଳ ସଂରକ୍ଷଣ ଲାଗି ନୂଆ ବ୍ୟବସ୍ଥା ଅପେକ୍ଷା ପୁରୁଣା ବ୍ୟବସ୍ଥାର ପୁନରୁଦ୍ଧାର କରିବାରେ ଖର୍ଚ୍ଚ ମଧ କମ୍ ହୋଇଥାଏ।

ଐତିହାସିକ ଜଳଉତ୍ସ ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଅଭିଯାନ ଆରମ୍ଭ ହେବା ଦରକାର। ଭୁବନେଶ୍ୱରସ୍ଥିତ ଗଙ୍ଗୁଆ ନାଳ ବୋଲି କୁହାଯାଉଥିବା ନାଳଟି ବାସ୍ତବରେ ଏକ ନଦୀ ଥିଲା। କାଳକ୍ରମେ ତାହା ପୋତି ହୋଇ ନାଳର ରୂପ ନେଇଛି। ଭୁବନେଶ୍ୱରରେ ଚତୁଃପାର୍ଶ୍ୱରେ ଥ?ିବା ଚାରୋଟି ବୃହତ ଜଳଉତ୍ସର ପୁନରୁଦ୍ଧାର କରାଯାଇପାରିଲେ ଭୁବନେଶ୍ୱର ସହରରେ ଜଳର ସଙ୍କଟ ରହିବ ନାହିଁ। ବହୁ ସଂଖ୍ୟାରେ ପାରମ୍ପରିକ ତଳର ଉତ୍ସ ତଥା ବଡ଼ ବଡ଼ ମନ୍ଦିର, ସମ୍‌ଜିଦ ଓ ରାଜବାଟୀ ମଧ୍ୟରେ ଥିବା ବାମ୍ପି, କୂଅ ଓ ବଡ଼ ବଡ଼ ପୋଖରୀର ପୁନରୁଦ୍ଧାର କରି ଏହାକୁ ପାନୀୟ ଉପଯୋଗୀ କରିବା ସହିତ ଭୂତଳ ଜଳକୁ ମଧ ରିଚାର୍ଜ କରାଯାଇପାରିବ।

**ଶିଳ୍ପାନୁଷ୍ଠାନ ଉପରେ କଡ଼ା ନିୟମ ଓ ଆଇନ ପ୍ରଣୟନ**

ବିଶ୍ୱର ସମୁଦାୟ ଶତକଡ଼ା ୨୩% ସ୍ୱଚ୍ଛ ଜଳ କେବଳ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ବ୍ୟବହୃତ ହୋଇଥାଏ। ଯାହାର ଶତକଡ଼ା ୭୫ ଭାଗ ଭୂପୃଷ୍ଠ ଉପରେ ଥିବା ଜଳର ଉତ୍ସ ଯୋଗାଇଥାଏ। ବାକି ୨୫ ଭାଗ ଭୂତଳ ଜଳ ଉତ୍ସରୁ ଆସିଥାଏ। ଗୋଟିଏ ଟନ୍ ଇସ୍ପାତ ତିଆରି ହେବାକୁ ୩୦୦ ଟନ୍ ଜଳର ଦରକାର ହୋଇଥାଏ। ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକ ପ୍ରଚୁର ପରିମାଣ ସ୍ୱଚ୍ଛ ଜଳ ବ୍ୟବହୃତ କରିବା ସହିତ ଏହାର ପ୍ରଦୂଷଣର କାରଣ ମଧ ହୋଇଥାଏ। ତେଣୁ ଶିଳ୍ପାନୁଷ୍ଠାନ ଗୁଡ଼ିକର ଭୂତଳ ଜଳର ଦୁଃବ୍ୟବହାର ଉପରେ ଆଇନଗତ ନିୟନ୍ତ୍ରଣ କରିବା ସହିତ ବ୍ୟବହୃତ ଜଳର ବିଶୋଧନ ଓ ପୁନର୍ବ୍ୟବହାର ବାଧ୍ୟତା ମୂଳକ କରିବା ଉଚିତ। ଏତଦ୍‌ବ୍ୟତୀତ ବୋହିଯାଉଥିବା ବର୍ଷାଜଳକୁ ସଂରକ୍ଷଣ କରି ବ୍ୟବହାର କରିବାକୁ ବାଧ୍ୟତାମୂଳକ କରିବା ଉଚିତ।

ନଗର ପାଳିକା ଓ ମହାନଗର ନିଗମ ଅଞ୍ଚଳରେ ଥିବା ବୃହତ ଅଟ୍ଟାଳିକା ଗୁଡ଼ିକରେ ବର୍ଷାଜଳ ଅମଳ ଓ ସଂରକ୍ଷଣକୁ ବାଧ୍ୟତାମୂଳକ କରାଯିବା ସହିତ ପ୍ରତିଟି ଜନସାଧାରଣ ଜଳର ଉପଯୁକ୍ତ ବିନିଯୋଗ କରିବା ସହିତ ଜଳ ସଂରକ୍ଷଣ ନିମନ୍ତେ ସଚେତନ ହେବା ପାଇଁ ପାଣି ମିଟର ମଧ ବାଧ୍ୟତାମୂଳକ ହେବା ଉଚିତ।

ରାଜସ୍ଥାନର ଆଭ୍ୟନ୍ତରୀଣ ଛୋଟ ଛୋଟ ଗାଁ ଗୁଡ଼ିକରେ ଗାଁ ଶେଷ ମୁଣ୍ଡରେ ଖାଲି ପଡ଼ିଥିବା ପଡ଼ିଆ ଜମିରେ ଛୋଟ ଛୋଟ ଗାତ କରି ସେମାନେ ବର୍ଷା ଜଳକୁ ସଂରକ୍ଷଣ କରିଥାନ୍ତି। ଏତଦ୍ୱାରା ସେହି ଜାଗାର ଭୂତଳ ଜଳ ହ୍ରାସ କମ୍ ହେବା ସହିତ ସେହି ଗାଁର ସବୁଜ ବଳୟ ସୃଷ୍ଟି ହୋଇପାରୁଛି। ଏହିପରି ଛୋଟ ଛୋଟ ପାରମ୍ପରିକ ପଦ୍ଧତି ଅନୁସାରେ ଗାଁ ଗଣ୍ଡା ମାନଙ୍କରେ ମଧ ଜଳ ସଂରକ୍ଷଣର ବ୍ୟବସ୍ଥା ହୋଇପାରିବ।

କଂକ୍ରିଟ୍ ସହରର ସୃଷ୍ଟି ପାଇଁ ବ୍ୟାପକ ବୃକ୍ଷ ଛେଦନ ନିଷିଦ୍ଧ କରାଯିବା ଉଚିତ। ବିଦେଶରେ ଗଛକୁ ନ କାଟି ମଧ ରାସ୍ତା ଓ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ ପାଇଁ ସ୍ୱତନ୍ତ୍ର ପ୍ରକାରର ପ୍ରକଳ୍ପକୁ। ଯେଉଁମାନେ ପିଇବା ପାଣି ଟୋପେ ଠିକ୍ ଅନୁସରଣ କରାଯାଉଛି। ଅତ୍ୟାବଶ୍ୟକ କ୍ଷେତ୍ରରେ ଯେତିକି ବୃକ୍ଷ କଟାଯାଉଛି ତା'ର ଦୁଇଗୁଣ ଗଛ ଲଗାଯିବା ଦରକାର। ବ୍ୟାପକ ବୃକ୍ଷରୋପଣ କରାଯିବା ସହିତ ଜଙ୍ଗଲର ସୁରକ୍ଷା ଓ ବହୁ ସଂଖ୍ୟାରେ ସବୁଜ ଜଙ୍ଗଲ ସୃଷ୍ଟି କରାଯିବା ଉଚିତ୍। ବୃକ୍ଷ ସମ୍ପ୍ରଦାୟ ପରିବେଶକୁ ଶୀତଳ ରକ୍ଷା କରିବା ସହିତ ଏହାକୁ ବିଶୁଦ୍ଧ ମଧ କରିଥାଏ। ବ୍ୟାପକ ବୃକ୍ଷ ଛେଦନ ଓ ଜଙ୍ଗଲ ଧ୍ୱଂସ ହିଁ ଭୂମଣ୍ଡଳ ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ଅଟେ। ତେଣୁ ବ୍ୟାପକ ଭାବରେ ବୃକ୍ଷ ରୋପଣ କରି ପୃଥିବୀର ସବୁଜ ବଳୟକୁ ପୁନଃ ପ୍ରତିଷ୍ଠା ଓ ସୁରକ୍ଷିତ କରିବା ନିହାତି ଜରୁରୀ।

କୃଷି କ୍ଷେତ୍ରରେ ଉନ୍ନତ ମାନର ମରୁଡ଼ି ନିରୋଧକ ବିହନର ବହୁଳ ବ୍ୟବହାର କରିବା ସହିତ ସେଚନ, ଛିଞ୍ଚନ ଇତ୍ୟାଦି ଅତ୍ୟାଧୁନିକ ଜଳ ସଂରକ୍ଷଣ ସହଯୋଗୀ ଯନ୍ତ୍ରପାତିର ବ୍ୟବହାର ପାଇଁ ଜନ ସଚେତନତା ସୃଷ୍ଟି କରାଯିବା ଉଚିତ୍। କୃଷି କ୍ଷେତ୍ରରେ ଯେ ସର୍ବଦା ମଧୁର ଜଳ ବ୍ୟବହାର ଏକାନ୍ତ ଜରୁରୀ ତା' ନୁହେଁ। ସମୁଦ୍ରର ଲୁଣି ପାଣିକୁ ଅନେକ କ୍ଷେତ୍ରରେ ଆମେ କୃଷିରେ ବ୍ୟବହାର କରିପାରିବା। ତେଣୁ କୃଷି କ୍ଷେତ୍ରରେ ଲୁଣି ପାଣିର ବ୍ୟବହାର ସମ୍ପର୍କରେ ଗବେଷଣା ଓ ଜନ ସଚେତନତା ସୃଷ୍ଟି ହେବା ଦରକାର।

ସମୁଦ୍ରର ଲବଣାକ୍ତ ଜଳକୁ ବ୍ୟବହାର ଉପ?ଯୋଗୀ କରାଯିବାର ପଦ୍ଧତି ବ୍ୟୟବହୁଳ ହେଲେ ମଧ ଆଗାମୀ ଦିନର ଆବଶ୍ୟକତାକୁ ଆଖିରେ ରଖି ଏହାକୁ କମ୍ ଖର୍ଚ୍ଚରେ କରିବା ପାଇଁ ଗବେଷଣାମାନ ଜାରିରହିଛି।

ଅନେକ କ୍ଷେତ୍ରରେ ଉଷ୍ମ ପ୍ରସ୍ରବଣ ଗୁଡ଼ିକର ଜଳ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ସେହି ଜଳର ବିଶୋଧନ କରାଯାଇ ବ୍ୟବହାର ଉପଯୋଗୀ କରାଯାଇପାରେ।

ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଦକ୍ଷିଣ ଏସିଆର ସପ୍ତମ ବୃହତ୍ତମ ଦେଶ ଓ ଦ୍ୱିତୀୟ ସର୍ବାଧିକ ବୃଷ୍ଟିପାତ ହେଉଥିବା ରାଷ୍ଟ୍ର। ଏହା ସତ୍ତ୍ୱେ ଏହା ଅଷ୍ଟମ ଦେଶ ଯାହାକି ମାରାତ୍ମକ ଜଳ ସଙ୍କଟର ସମ୍ମୁଖୀନ ହୋଇଛି। ବିଶେଷଜ୍ଞମାନଙ୍କ ଚେତାବନୀ ଅନୁଯାୟୀ ଯଦି ଏବେଠାରୁ ଭାରତର ଜଳ ସଙ୍କଟ ଦୂରୀକରଣ ପାଇଁ ଅଭିଯାନ ଆରମ୍ଭ ନ କରାଯାଏ ତା'ହେଲେ ଆଗାମୀ ବର୍ଷରେ ଭାରତକୁ ଜଳ ଆମଦାନୀ କରିବାକୁ ପଡ଼ିପାରେ। ଭାରତର ପ୍ରତ୍ୟେକ ସହର ମହାରାଷ୍ଟ୍ରର ଲାଟୁର ପାଲଟି ଯାଇପାରେ।

ସର୍ବ ଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଛୋଟିଆ ଛୋଟିଆ ପଦକ୍ଷେପ ଜଳ ସଂରକ୍ଷଣରେ ଏକ ବିରାଟ ଭୂମିକା ନେଇ ପାରିବ। ତେଣୁ ଆଜି ବିଶ୍ୱ ଜଳ ସଂରକ୍ଷଣ ଦିବସରେ ଆସନ୍ତୁ ଆମେ ଜଳ ସଂରକ୍ଷଣ ପାଇଁ ଶପଥ ନେବା।

**ଭୁବନେଶ୍ୱର, ଦୂରଭାଷ-୯୪୩୮୨୭ ୨୧୫ ୨**

# ପରିବର୍ତ୍ତିତ ଜଳବାୟୁ ଅନୁଯାୟୀ ସ୍ମାର୍ଟ କୃଷି

ଜାନକୀଶ ବଡ଼ପଣ୍ଡା

ଓଣା ଅଧିକେ ଆମେ ସଭିଏଁ ଶୁଣିଥିବା ଯେ, "ଦେଶ କେ ଫାଙ୍କ, ନଈ କେ ବାଙ୍କ" ଓ ଆହୁରି ବି ଶୁଣିଥିବା ଯେ, "ଯେ ଦେଶ ଯାଇ, ସେ ଫଳ ଖାଇ" ଓ ଅର୍ଥାତ, ଅଙ୍କାବଙ୍କା ନଦୀର ଗତିପଥ ପରି, ବିଭିନ୍ନ ଅଞ୍ଚଳର ଜଳବାୟୁ ଭିନ୍ନ ହୋଇଥାଏ। ଏବଂ ସେହି କାରଣରୁ ବିଭିନ୍ନ ପ୍ରକାର ମୃତ୍ତିକା ଓ ଜଳବାୟୁ ଅନୁଯାୟୀ ସେହି ଅଞ୍ଚଳରେ ଫଳୁଥିବା ଫସଲ ବି ଅଲଗା ଓ ନଦୀର ଗତିପଥ ଯେଭଳି ସିଧା ସଳଖ ନୁହେଁ, ସେହିପରି ଏକ ପ୍ରକାର ଫସଲ ସବୁଠି ଚାଷ ହୁଏନା। ନିଜ ଅଞ୍ଚଳ ବାହାରକୁ ଗଲେ, ଆମକୁ ସେଠାରେ ମିଳୁଥିବା ଖାଦ୍ୟ ଖାଇବାକୁ ପଡିବ। ଜୀବନ ରକ୍ଷା କରିବାକୁ ହେବ – ଏହାହିଁ ସର୍ବଜନ ବିଦିତ ସତ୍ୟ ଓ ଏବେ କିନ୍ତୁ ଦେଖିବାକୁ ମିଳୁଛି ଯେ, ଆମ ନିଜ ଅଞ୍ଚଳରେ ଜଳବାୟୁ ଅର୍ଥାତ ଖରା-ବର୍ଷା-ଶୀତ ପୂର୍ବଭଳି ଆଉ ନାହିଁ। ପାଣିପାଗ ବଦଳି ଯାଇଛି ଓ ଧାରା ଶ୍ରାବଣ ମାସରେ ବି ବର୍ଷା ଟୋପେ ପାଇଁ ଚାଷୀ ଚାତକ ପରି ଅପେକ୍ଷା କରୁଛି ଓ ବାଦଲଫଟା ଅଦିନିଆ ଅସରାଏ ବର୍ଷା ପାଚିଲା ଧାନକୁ ନଷ୍ଟ କରି ଦେଉଛି ଓ ପୂର୍ବଭଳି ଠିକଣା ସମୟରେ ବର୍ଷା ନହେଲେ, ତଳି ରୋଇବା ବିଳମ୍ବିତ ହୋଇ ଯାଉଛି ଓ ଏଣୁ, ଆମକୁ ଲୁହାକୁ ଦେଖି ପାଣି ଦେବାକୁ ପଡିବ ଓ ଅର୍ଥାତ, ପରିବର୍ତ୍ତିତ ଜଳବାୟୁ ଅନୁସାରେ ଚାଷ ପ୍ରଣାଳୀ ଗ୍ରହଣ କରିବାକୁ ପଡିବ ଓ ଏହାକୁ ଆଜି କେବଳ ଉଚିତ କହିଦେଲେ ହେବନି, ବରଂ ଏହା ଜରୁରୀ ହୋଇଥିବାରୁ ଆମକୁ କୃଷିକ୍ଷେତ୍ରରେ ଉପଯୋଗ କରିବାକୁ ପଡିବ। ସେହି କାରଣରୁ, ଜଳବାୟୁ ଉପଯୋଗୀ ଚାଷ ବା ସ୍ମାର୍ଟ-କୃଷି ଉଭୟ କୃଷି ବୈଜ୍ଞାନିକ ଏବଂ ଚାଷୀଙ୍କ ପାଇଁ ଏକ ଆହ୍ୱାନ ଓ ଏକବିଂଶ ଶତାବ୍ଦୀରେ ସମଗ୍ର ଜୀବସତ୍ତା ସମ୍ମୁଖୀନ ହେଉଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଜଳବାୟୁ ପରିବର୍ତ୍ତନ ଏବଂ ଖାଦ୍ୟ ନିରାପତ୍ତା ଓ ଜଳବାୟୁ ନିରାପତ୍ତା ନିଶ୍ଚିତ କରି କୃଷକମାନଙ୍କୁ ସଶକ୍ତ କରିବା ଏବଂ ଆମର ଜୀବ ଜଗତକୁ ସୁରକ୍ଷା ଦେବା ପାଇଁ ଜଳବାୟୁ ସ୍ମାର୍ଟ କୃଷି ସମର୍ଥ ହୋଇଥିବାରୁ, ଏହା ଅଧିକ ପ୍ରାସଙ୍ଗିକ ହୋଇଛି। ଜଳବାୟୁ ପରିବର୍ତ୍ତନର କହିଲେ, ଗ୍ରୀଷ୍ମ ଲହରୀ, ଅଚାନକ ଅଧିକ ବର୍ଷା କାରଣରୁ ହେଉଥିବା ବନ୍ୟା, ମରୁଡ଼ି ଏବଂ ଘୂର୍ଣ୍ଣିବାତ୍ୟା କଥା ଆମେ ସମସ୍ତେ ଜାଣିଛେ ଓ ଏସବୁ ଆମର ଜୀବନ ଏବଂ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପକାଉଛି ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦକ୍ଷିଣ-ବିଶ୍ୱର ଦେଶମାନଙ୍କରେ ଭୟଙ୍କର ମରୁଡ଼ି ପରିସ୍ଥିତି ଦେଖାଦେଇଛି; ଯାହାକି କୃଷି ଉତ୍ପାଦନ ଏବଂ କୃଷକଙ୍କ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଜଳବାୟୁ ପରିବର୍ତ୍ତନ ହେତୁ ପାରମ୍ପରିକ ଚାଷ ପ୍ରଣାଳୀ ଆଉ ପୂର୍ବପରି ଫଳପ୍ରଦ ହେଉ ନଥିବାର ଲକ୍ଷ କରାଯାଉଛି। ଏଣୁ ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ପାଇଁ କୃଷକମାନେ ବିଭିନ୍ନ ପ୍ରକାରର ନୂତନ ପନ୍ଥା ଓ ପଦକ୍ଷେପ ଗ୍ରହଣ କରିବାକୁ ବସ୍ତୁତଃ ବାଧ୍ୟ ହେଉଛନ୍ତି ଓ ଭବିଷ୍ୟତରେ ଏଭଳି ବଦଳି ଯାଉଥିବା ପନ୍ଥା ଓ ପଦକ୍ଷେପ ସବୁକୁ ଯୁଗୋପଯୋଗୀ ନକଲେ ଓ ସେଗୁଡ଼ିକୁ ଆମର ଚାଷୀଭାଇ, ଭଉଣୀମାନେ କାର୍ଯ୍ୟକାରୀ ନକଲେ, କୃଷି ଉତ୍ପାଦନ ଉପରେ ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ଆହୁରି ଉକ୍ଟ ହେବା ନିଶ୍ଚିତ ଓ ଆଶଙ୍କା କରା ଯାଉଛି ଯେ, ସବୁଜ ବିପ୍ଳବକୁ ସାର୍ଥକ କରିଥିବା ଆମ ଦେଶ ଭାରତରେ, ଜଳବାୟୁ ପରିବର୍ତ୍ତନ ହେତୁ ଫସଲ ଅମଳ ୨୦୩୯ ମସିହା ବେଳକୁ ୨୦୧୦ ମସିହା ତୁଳନାରେ ୯.୦ ପ୍ରତିଶତ ହ୍ରାସ ହୋଇପାରେ । ଅନ୍ୟାନ୍ୟ ଦକ୍ଷିଣ-ବିଶ୍ୱର ଦେଶମାନଙ୍କରେ ଏହା ଅଧିକ ହେବା ନିଶ୍ଚିତ।

ଜଳବାୟୁ-ସ୍ମାର୍ଟ କୃଷି କଥା କହିଲାବେଳେ, ଆମକୁ ଜଳ-ସ୍ମାର୍ଟ, ପାଣିପାଗ-ସ୍ମାର୍ଟ, ଶକ୍ତି-ସ୍ମାର୍ଟ ଏବଂ କାର୍ବନ-ସ୍ମାର୍ଟ ଅଭ୍ୟାସ ଆଦରିବାକୁ ହେବ। ଫଳରେ ଉତ୍ପାଦକତାରେ ଉନ୍ନତି ଆସିବ, ଚାଷ ଜମି ଅନୁର୍ବର ହେବନାହିଁ ଏବଂ ମାଟିର ସ୍ୱାସ୍ଥ୍ୟ ଉନ୍ନତ ରହିବ।

ଏଥିପାଇଁ ଆମକୁ କେବଳ ଖାଦ୍ୟଶସ୍ୟ ନୁହେଁ, ତାହାସହିତ ବ୍ୟାପକ ବୃକ୍ଷରୋପଣ, ସ୍ଥାୟୀ ଜଳ ପରିଚାଳନା ସହିତ ଯୁଗୋପଯୋଗୀ ଚାଷବାସ କରିବାକୁ ପଡିବ ଓ ଉଦାହରଣ ସ୍ୱରୂପ,



ଗଞ୍ଜାମ ଜିଲ୍ଲାରେ ବାସ କରୁଥିବା 'ପନ୍ଦରା' ବୋଲାଉଥିବା ଚାଷୀମାନେ ଗୋଟିଏ କିଆରୀରୁ ପନ୍ଦର ପ୍ରକାର ଫସଲ ଉତାରି ପାରନ୍ତି ଓ ଏହିପରି ମିଶ୍ରିତ ତଥା ବିବିଧ ଫସଲ ଚାଷ କରି, ସମୟାନୁସାରେ ଫସଲ ଅମଳ କରି ସେମାନେ ଉପଲବ୍ଧ ଜଳ ସମ୍ପଦର ଦକ୍ଷ ବ୍ୟବହାର କରିଥାଆନ୍ତି ଏବଂ ମରୁଡ଼ି ପଡିଲେ ବି ପନ୍ଦର ପ୍ରକାର ଫସଲ ନୋହିଲେ ବି ଆଠ-ଦଶଟି ଫସଲ ନିଶ୍ଚିତ ଅମଳ କରିଥାଆନ୍ତି ଓ ଏହାକୁ ଆମେ ମଧ୍ୟ ପାରମ୍ପରିକ ସ୍ମାର୍ଟ କୃଷି କହି ପାରିବା, ଯାହା ମରୁଡିକୁ ପ୍ରତିରୋଧ କରିପାରେ।

ଆମ ଦେଶରେ ଜଳବାୟୁ ପରିବର୍ତ୍ତନ ସହ ତାଳ ଦେଇ ଜାତୀୟସ୍ତରରେ କୃଷି ଯୋଜନା ପ୍ରଣୟନ କରାଯାଉଛି ଓ ପରିବର୍ତ୍ତିତ ଜଳବାୟୁ ସହଣୀ କୃଷି ପାଇଁ ନ୍ୟାସନାଲ୍ ଆଡାପଟ୍ଟେସନ୍ ଫଣ୍ଡ୍ (ଜାତୀୟ ଖାପଖୁଆଇବା ପାଣ୍ଠି), ଜାତୀୟ ଜଳବାୟୁ ଅନୁରୂପ କୃଷିପ୍ରଣାଳୀ ସମ୍ବନ୍ଧିତ ଉଦ୍ଭାବନ, ମୃତ୍ତିକା ସ୍ୱାସ୍ଥ୍ୟ ମିଶନ୍, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ବାୟୋଟେକ୍-କିସାନ୍ ଏବଂ ଜଳବାୟୁ ସ୍ମାର୍ଟ ଗ୍ରାମ ଯୋଜନା ହେଉଛି ଏହାର କିଛି ଉଦାହରଣ ଓ ବିଭିନ୍ନ ସରକାରୀ ସଂସ୍ଥା, କୃଷକ ଉତ୍ପାଦକ ସଂଗଠନ ଏବଂ ବେସରକାରୀ ସଂସ୍ଥା (ଏନଜିଓ)ମାନେ ମଧ୍ୟ ପରିବର୍ତ୍ତିତ ଜଳବାୟୁ ଅନୁରୂପ କୃଷି କାର୍ଯ୍ୟକ୍ରମଗୁଡିକୁ ପ୍ରଚାର ଓ ପ୍ରସାର କରି ଚାଷୀଙ୍କ ପାଖରେ ସୂଚନା ପ୍ରଦାନ କରୁଛନ୍ତି ଓ ଚାଷୀମାନେ ମଧ୍ୟ ଗ୍ରହଣ କରୁଛନ୍ତି ଓ ଆମ ଦେଶର ଅଧିକାଂଶ କୃଷକ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଶ୍ରେଣୀର । ସେମାନଙ୍କର ଲାଭ ବୃଦ୍ଧି କରିବାରେ ଓ ସେମାନଙ୍କୁ ସାହାଯ୍ୟ କରିବାରେ ଜଳବାୟୁ ଅନୁରୂପ କୃଷି ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ କୃଷି କ୍ଷେତ୍ରରୁ ବହୁ ପରିମାଣର ସବୁଜ ଗ୍ୟାସ

ଉତ୍ପନ୍ନ ହୋଇଥାଏ, ଯାହା ନିର୍ଗମନ ହୋଇ ଜଳବାୟୁକୁ ବିଗାଡ଼ି ଦେଇଥାଏ ଓ ତେଣୁ, ସବୁଜ ଗ୍ୟାସ ନିର୍ଗମନକୁ ହ୍ରାସ କରିବା ଏବଂ ଜୈବ ବିବିଧତା ରକ୍ଷା ପାଇଁ ଆମକୁ ସଫଳତାର ସହିତ ଜଳବାୟୁ ଅନୁରୂପ କୃଷି ବା ସ୍ମାର୍ଟକୃଷି କାର୍ଯ୍ୟକାରୀ କରିବାକୁ ପଡିବ ଓ ଏତିକି ନୁହେଁ, ଏହା ମଧ୍ୟ ଚାଷ ଜମିର ମୃତ୍ତିକା ସଂରକ୍ଷଣ କରିବାରେ ସାହାଯ୍ୟ କରେ।

ଗତ ୨୦୨୩ ମସିହାର ଜାନୁଆରୀରୁ ଡିସେମ୍ବର ଯାଏଁ ବର୍ଷସାରା ଆମେ ଆନ୍ତର୍ଜାତିକ ମିଲେଟ ବା ଲଘୁ ଶସ୍ୟ ବର୍ଷ ଭାବେ ପାଳନ କରିଥିଲେ। ଭାରତ ଏଥିପାଇଁ ପ୍ରସ୍ତାବ ଦେଇଥିଲା। ଭାରତର ପ୍ରଧାନମନ୍ତ୍ରୀ ମାଣ୍ଡିଆ, ବାଜରା, କୋଦ, ସୁଆଁ ଇତ୍ୟାଦି ଲଘୁ ଶସ୍ୟ ବା 'ମିଲେଟ୍'ର ନାମକରଣ କରିଥିଲେ – ଶ୍ରୀଅନ୍ନ ଓ ଏସବୁକୁ ଆମର ଚାଷୀମାନେ ପାରମ୍ପରିକ ଭାବେ ଚାଷ କରି ଆସୁଛନ୍ତି, ଯଦିଓ ଏହାକୁ ଚାଷ କରିବାକୁ ସେମାନଙ୍କ ଆଗ୍ରହ କମିଯାଉଥିବାର ଜଣାଯାଉଛି। ଏହି ଶ୍ରୀଅନ୍ନ ଫସଲ ଅଳ୍ପ ଜଳ ଆବଶ୍ୟକ କରୁଥିବାରୁ ମରୁଡି ପରିସ୍ଥିତିରେ ମଧ୍ୟ ଅମଳ ହୋଇପାରେ ଏବଂ ପୁଷ୍ଟିତତ୍ତ୍ୱରେ ଭରପୁର ଥିବାରୁ ଉଭୟ ଖାଦ୍ୟ ନିରାପତ୍ତା ତଥା ପୁଷ୍ଟି ନିରାପତ୍ତା ଯୋଗାଇଥାଏ। ସମୟ ସହ ତାଳ ଦେଇ, ଅଳ୍ପ ଦିନରେ ଚାଷ ହୋଇପାରୁଥିବା ଅଧିକ ଅମଳକ୍ଷମ ଫସଲ ଚାଷ କରିବାକୁ ଚାଷୀମାନେ ଆଗେଇ ଆସୁଛନ୍ତି; ଯାହା ଏକ ଶୁଭ ଲକ୍ଷଣ ଓ ସେହିପରି ଆମ୍ବ ସମେତ ବିଭିନ୍ନ ଫଳଚାଷ ବଗିଚା ସୃଷ୍ଟି କରି, ତାହାସହିତ ଅନ୍ତଃଫସଲ ଭାବେ ମୁଗ, ବିରି, କୋଳଥ, ପରିବା, ଶାଗ ଓ ଗୋଖାଦ୍ୟ ପାଇଁ ଘାସଚାଷ କରିବାକୁ ମନ ବଳାଇଲେଣି, ଯାହା ମରୁଡି ପରିସ୍ଥିତିରେ ମଧ୍ୟ ଚାଷୀଙ୍କୁ ଲାଭ ଦେଉଛି। ଚାଷୀମାନେ ଅଧିକ କ୍ଷୀର ପାଇଁ ବିଦେଶୀ ସଙ୍କର ଜାତୀୟ ଗାଈ ପାଳନ, ଅଧିକ ମାଂସ ପାଇଁ ବ୍ରଏଲର ଏବଂ ଅଣ୍ଡା ପାଇଁ ଅଣ୍ଡାଦିଆ ଲେୟର କୁକୁଡ଼ା ଓ ବତକ ପାଳନ ଓ ମଧୁରଜଳ ମାଛ, ଚିଙ୍ଗୁଡି ଚାଷ କରୁଛନ୍ତି। ଜଳବାୟୁ ପରିବର୍ତ୍ତନ ସହିତ ଆମେମାନେ ମଧ ଆମର ପରିବେଶକୁ ନଷ୍ଟ କରିଚାଲିଛେ। ଜଳବାୟୁ ବହୁମାତ୍ରାରେ ପ୍ରଭାବିତ ହୋଇଛି ଓ ଜୀବ ଜଗତକୁ ବଞ୍ଚାଇ ରଖିବାକୁ ଆମକୁ ପରିବର୍ତ୍ତିତ ଜଳବାୟୁ ଅନୁସାରେ ଏକାସାଙ୍ଗରେ ସ୍ମାର୍ଟ ହେବାକୁ ପଡିବ, ଅଧିକ ଖାଦ୍ୟ ଉତ୍ପାଦନ କରିବାକୁ ହେବ ଓ ପରିବେଶକୁ ସନ୍ତୁଳିତ ରଖିବାକୁ ହେବ ଓ ଏଥିପାଇଁ, ଜୈବକୃଷି, ମାଣ୍ଡିଆ ଭଳି ମିଲେଟ ଚାଷ, ତୈଳବୀଜ ଓ ଡାଲି ଫସଲ କରିବାକୁ ହେବ ଓ ଆମକୁ ସୌର ବିଦ୍ୟୁତ ବ୍ୟବହାର କରିବାକୁ ଓ ବୁନ୍ଦା ଜଳସେଚନ, ସ୍ପ୍ରିଙ୍କଲର ଭଳି ନୂଆ ଜଳସେଚନ ପଦ୍ଧତି ଆଦରିବାକୁ ପଡିବ ଓ ଡ୍ରୋନ୍ ବ୍ୟବହାର କରି ନାନୋ ୟୁରିଆ, ନାନୋ ଡ଼ିଏପି ଓ ଜୈବ କୀଟନାଶକ ସିଞ୍ଚନ କରିବାକୁ ହେବ। ପରିବର୍ତ୍ତିତ ଜଳବାୟୁ, ଏଲ୍ ନିନୋ କାରଣରୁ ବୈଶ୍ୱିକ ତାପମାନ ବୃଦ୍ଧି, ସମୁଦ୍ର ଜଳପତ୍ତନ ବୃଦ୍ଧି ଇତ୍ୟାଦି ଦେଖିବାକୁ ମିଳୁଛି, ଯାହାର ନିରାକରଣ ଆମ ହାତରେ ନାହିଁ ଓ ଆମ ହାତରେ କେବଳ ରହିଛି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜୀବଜଗତକୁ ବଞ୍ଚାଇ ରଖିବାର ନୂଆ କୌଶଳ ଉଦ୍ଭାବନ କରିବା ଏବଂ ସେ ସବୁର ଉପଯୋଗ କରି ଭାରତୀୟତା'ର ମୂଳମନ୍ତ୍ର "ବସୁଧୈବ କୁଟୁମ୍ବକମ୍"କୁ ସମ୍ମାନ ଦେଇ ନିଜେ ବଞ୍ଚି, ଜଗତକୁ ମଧ ବଞ୍ଚାଇ ରଖିବା ଓ ଏହାର ଚାବିକାଠି ରହିଛି ସ୍ମାର୍ଟ କୃଷିରେ।

ମୋ-୯୪୩୮୨୯୦୩୭

### ହାଇକୋର୍ଟରେ ସିପାହି/କନେଷ୍ଟବଳ ନିଯୁକ୍ତି ମାମଲା

# ୩ ବର୍ଷ କୋହଳ ହେବ ସର୍ବାଧିକ ବୟସସୀମା

**କଟକ :** ସିପାହି/କନେଷ୍ଟବଳ ପଦରେ ନିଯୁକ୍ତି ପାଇଁ ଆଶାୟୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୩ ବର୍ଷ କୋହଳ କରାଯିବା ସହିତ ନିଯୁକ୍ତି ପ୍ରକ୍ରିୟା ଉପରେ ରହିଥିବା ଅଦାଲତୀ ଅଙ୍କୁଶ ହଟାଇ ଦିଆଯାଇଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏ ସଂପର୍କିତ ରିଟ୍ ଅପିଲ୍‌ର ଶୁଣାଣି ବେଳେ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ ଅବଗତ କରାଯାଇଥିଲା। ଏହି ପଦବି ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୩ ବର୍ଷ କୋହଳ ପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ମାମଲାର ପ୍ରତିପକ୍ଷ ପ୍ରାର୍ଥୀ ସମ୍ମତି ଜଣାଇଥିଲେ।



ବିଚାରକୁ ନେଇ ହାଇକୋର୍ଟ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୩ ବର୍ଷ କୋହଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଣିକିଆ ଖଣ୍ଡପୀଠଙ୍କ ୨୦୨୪ ଡିସେମ୍ବର ୫ର ରାୟ ବିରୋଧରେ ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଦାୟର କରିଥିବା ରିଟ୍ ଅପିଲକୁ ହାଇକୋର୍ଟ ଗ୍ରହଣ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଣିକିଆ ଖଣ୍ଡପୀଠ ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୬ ବର୍ଷ କୋହଳ କରିବା ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ଦାୟର କରିଥିବା ରିଟ୍ ଅପିଲକୁ ହାଇକୋର୍ଟ ୨୦୨୪ ଡିସେମ୍ବର ୨୩ରେ ଗ୍ରହଣ କରି ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ୨୦୨୪ ସେପ୍ଟେମ୍ବର ୨୨ର ନିଯୁକ୍ତି ବିଜ୍ଞପ୍ତି ଆଧାରରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ ମାର୍ଚ୍ଚ ୧୩ରେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସିପାହି/କନେଷ୍ଟବଳ ପଦରେ ନିଯୁକ୍ତି ପ୍ରକ୍ରିୟା ଆଗେଇ ପାରୁ ନଥିଲା।

ଓଡ଼ିଶା ପୁଲିସର ଓଏସ୍ଏପି, ଆଇଆର, ଏସ୍ଆଇଆର, ସ୍ପେସାଲ ସିକ୍ୟୁରିଟି ବାଟାଲିୟନରେ ୧୩୬୦ଟି ସିପାହି/କନେଷ୍ଟବଳ ପଦ ପୂରଣ ପାଇଁ ଷ୍ଟେଟ ସିଲେକ୍ସନ ବୋର୍ଡ ପକ୍ଷରୁ ୨୦୨୪ ସେପ୍ଟେମ୍ବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪ ଜାନୁଆରି ୧ରେ ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସ ୧୮ ଓ ସର୍ବାଧିକ ୨୩ ବର୍ଷ ହୋଇଥିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା। ଅନ୍ୟପକ୍ଷରେ ଶେଷ ଥର ୨୦୧୮ରେ ଓଡ଼ିଶା ପୁଲିସରେ ସିପାହି/କ ?ନେଷ୍ଟବଳ ପଦ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ତେଣୁ ୬ ବର୍ଷ ସର୍ବାଧିକ ବୟସସୀମା କୋହଳ ପାଇଁ କେତେକ ଆଶାୟୀ ପ୍ରାର୍ଥୀ ଦାବି ରଖି ହାଇକୋର୍ଟରେ ମାମଲା ଦାୟର କରିଥିଲେ।

ଏସବୁ ମାମଲାର ଶୁଣାଣି କରି ନିଯୁକ୍ତି ପ୍ରକ୍ରିୟାରେ ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୬ ବର୍ଷ କୋହଳ କରାଯିବ ବୋଲି ୨୦୨୪ ଡିସେମ୍ବର ୫ରେ ଜଣିକିଆ ଖଣ୍ଡପୀଠ ରାୟ ଦେଇଥିଲେ। କରୋନା ମହାମାରୀ କାରଣରୁ ଗୋଟିଏ ଥର ପାଇଁ ସର୍ବାଧିକ ବୟସ ସୀମା କୋହଳ ପାଇଁ ନିର୍ଦ୍ଦେଶ ଦିଆଯାଉଛି ବୋଲି ଏହି ରାୟରେ ଉଲ୍ଲେଖ କରାଯାଇଥିଲା। ଏହି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ। ରାଜ୍ୟ ସରକାରଙ୍କ ଆବେଦନ ସହିତ ଅନ୍ୟମାନେ ଦାୟର କରିଥିବା ମାମଲା ଗୁଡ଼ିକର ହାଇକୋର୍ଟରେ ଏକତ୍ର ଶୁଣାଣି ଚାଲିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ଏଜିଏ ଶାଶ୍ୱତ ଦାସ ଓ ପ୍ରତିପକ୍ଷ ପ୍ରାର୍ଥୀଙ୍କ ତରଫରୁ ଆଇନଜୀବୀ ରାଜୀବ ରଥ, ମଦନମୋହନ ଦାସ ମାମଲା ପରିଚାଳନା କରୁଥିଲେ।

## ବଦଳିବ ସ୍କୁଲ ପିଲାଙ୍କ ସିଲାବସ୍: କୋହଳ ହେଲା ନାମଲେଖା



**ଭୁବନେଶ୍ୱର :** ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ରାଜ୍ୟରେ ୨୦୨୫-୨୬ଶିକ୍ଷାବର୍ଷରୁ ପ୍ରଥମଶ୍ରେଣୀରେ ନାମଲେଖା ପାଇଁ ବୟସ ୬ବର୍ଷ କିମ୍ବା ତା'ଠାରୁ ଅଧିକ ଧାର୍ଯ୍ୟ କରାଯାଇଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ମାତ୍ର ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ୬ବର୍ଷ ବୟସ ସୀମାକୁ ଓଡ଼ିଶାରେ କୋହଳ କରାଯାଇଛି। ଏଣିକି ଏପ୍ରିଲ ପହିଲା ବଦଳରେ ସେପ୍ଟେମ୍ବର ୧ତାରିଖ ସୁଦ୍ଧା ପିଲାକୁ ୬ବର୍ଷ ହେବା ଜରୁରି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, କେନ୍ଦ୍ରର ନିୟମ ଅନୁସାରେ ମାର୍ଚ୍ଚ ୩୧ ସୁଦ୍ଧା ପିଲାଙ୍କୁ ୬ବର୍ଷ ହେଲେ ନାମଲେଖାଇ ପାରିବେ। କିନ୍ତୁ ଓଡ଼ିଶାରେ ଏହି ନିୟମକୁ କୋହଳ କରାଯାଇଛି। ସେପ୍ଟେମ୍ବର ୧ତାରିଖ ସୁଦ୍ଧା ପିଲାକୁ ୬ବର୍ଷ ହୋଇଥିଲେ ସ୍କୁଲରେ ନାମ ଲେଖାଇପାରିବେ। ଯେପରି କୌଣସି ପିଲା ବାଦ୍ ପଡ଼ିବେ ନାହିଁ ସେ ନେଇ ବ୍ୟବସ୍ଥା କରାଯାଇଛି। ଏହାସହ ରାଜ୍ୟରେ ସ୍କୁଲ ପିଲାଙ୍କ ସିଲାବସ୍ ବା ପାଠ୍ୟକ୍ରମ ବଦଳିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ନୂଆ ପାଠ୍ୟକ୍ରମ ହେବ। ୨୦୨୬-୨୭ ଶିକ୍ଷାବର୍ଷରେ ଏହି ନୂଆ ପାଠ୍ୟକ୍ରମକୁ ଲାଗୁ କରାଯିବ। ଜାତୀୟ ଶିକ୍ଷା ନୀତି ଅନୁସାରେ ନୂତନ ପାଠ୍ୟକ୍ରମର ଢାଞ୍ଚା ପ୍ରସ୍ତୁତ ହେବ। ନୂଆ ପାଠ୍ୟକ୍ରମରେ ଭାଷା, ସଂସ୍କୃତି ଓ ଐତିହ୍ୟକୁ ଅଧିକ ଗୁରୁତ୍ୱ ମିଳିବ ବୋଲି ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିରକୁ ମିଳିଲା ୫୦୦ କୋଟି କର୍ପସ ପାଣ୍ଠି

**ପୁରୀ :** କଥା ଦେଇ କଥା ରଖିଛନ୍ତି ବିଜେପି ସରକାର। ଗତବର୍ଷ ନୂଆ ସରକାର ଦାୟିତ୍ୱ ଗ୍ରହଣ ବେଳେ ପ୍ରଥମ କ୍ୟାବିନେଟ୍ ବୈଠକରେ ଶ୍ରୀମନ୍ଦିର ପରିଚାଳନା ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଘୋଷଣା କରିଥିଲେ, ତାହା ଅନୁପାଳନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନକୁ ରାଜ୍ୟ ସରକାର ଏହି ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୫୦୦ କୋଟି ଟଙ୍କା ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଛି। ଏଥିରେ ଭକ୍ତଙ୍କୁ ମାଗଣା ମହାପ୍ରସାଦ ସହ ଅନ୍ୟାନ୍ୟ ବ୍ୟବସ୍ଥା ହୋଇପାରିବ ବୋଲି ଭକ୍ତମହଲ ଆଶାପୋଷଣ କରିଛନ୍ତି।



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ମହାପ୍ରଭୁଙ୍କ ନୀତିକାନ୍ତି, ଶ୍ରୀମନ୍ଦିରର ବିଭିନ୍ନ ପ୍ରକଳ୍ପଗୁଡ଼ିକର ପରିଚାଳନା ସହ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଙ୍କ ସୁବିଧାସୁଯୋଗ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି କର୍ପସ୍ ପାଣ୍ଠି ପ୍ରଦାନ କରିଛନ୍ତି। ବଜେଟ୍‌ର ବ୍ୟବସ୍ଥା ହେବା ପରେ ଏବେ ବିଧିବଦ୍ଧ ଭାବେ ଏହି ପାଣ୍ଠି ଶ୍ରୀମନ୍ଦିର ପିଏଲ୍ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଏହି ପାଣ୍ଠି ପାଇଁ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ନିର୍ବାଚନ ପୂର୍ବରୁ ବିଜେପି ସରକାର ନିର୍ବାଚନୀ ଇସ୍ତାହାରରେ ଶ୍ରୀମନ୍ଦିର ପାଇଁ ଅନେକ ପ୍ରତିଶ୍ରୁତି ରଖିଥିଲେ। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପ୍ରଥମ ପ୍ରତିଶ୍ରୁତି ଥିଲା। ନିର୍ବାଚନ ଜିତିବା ପରେ ଓ ସରକାରକୁ ବିଜେପି ଆସିବା ପରେ ପ୍ରଥମ ପ୍ରତିଶ୍ରୁତି ସ୍ୱରୂପ ଶ୍ରୀମନ୍ଦିର ଚାରିଦ୍ୱାର ଭକ୍ତଙ୍କ ପାଇଁ ଉନ୍ମୁକ୍ତ ହୋଇଥିଲା। ରାଜ୍ୟ ସରକାର ରତ୍ନଭଣ୍ଡାର ଯାଞ୍ଚ ସହ ଅଳଙ୍କାର ଗଣତି ଓ ମଣତିର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପାଳନ ପୂର୍ବକ ରତ୍ନଭଣ୍ଡାର ଯାଞ୍ଚ ପରେ ଆବଶ୍ୟକ ମରାମତି ପ୍ରକ୍ରିୟା ଚାଲିଛି। ମରାମତି ଶେଷ ପରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ଓ ମଣତି ଆରମ୍ଭ ହେବ।

## ସ୍ୱଚ୍ଛ ଭାରତ ମିସନ୍‌ର ଅସ୍ୱଚ୍ଛ ଚିତ୍ର: ଖାଇଗଲେ ଅଳିଆଉଠା ଗାଡ଼ି

**ଝାରସୁଗୁଡ଼ା :** ଆବର୍ଜନା ସଂଗ୍ରହ ପାଇଁ ବ୍ୟାଟେରିଚାଳିତ ଅଳିଆଉଠା ଗାଡ଼ି କିଣିବାକୁ ମ୍ୟୁନିସିପାଲଟି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଲେ। ସୋ'ରୁମ୍‌ରୁ ଗାଡ଼ି କିଣା ହେଲା, ଆଉ ଏଥିପାଇଁ ମ୍ୟୁନିସିପାଲଟିର ସ୍ୱଚ୍ଛ ଭାରତ ମିସନ୍ ଆକାଉଣ୍ଟରୁ ଟଙ୍କା ବି ପୈଠ ହେଲା। ହେଲେ ପରିତାପର ବିଷୟ, ୫ ବର୍ଷ ପରେ ମଧ୍ୟ ଷ୍ଟକ୍‌ୟାର୍ଡକୁ ଗାଡ଼ି ପହଞ୍ଚି ପାରିଲାନି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ମ୍ୟୁନିସିପାଲଟିରେ। ଏ ନେଇ ମ୍ୟୁନିସିପାଲଟିର ପରିମଳ ବିଶେଷଜ୍ଞ (ସାନିଟେସନ୍ ଏକ୍ସପର୍ଟ) ସୌମ୍ୟ ମହାଲିଙ୍କୁ ପଚରାଯିବାରୁ, ସେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଉକ୍ତ ୨ ଗାଡ଼ି ଦେଖିନଥିବା କହିଛନ୍ତି।

ବେଲପାହାଡ଼ ପୌର କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୨୦ ମସିହାରେ ପୌର କର୍ତ୍ତୃପକ୍ଷ ୧୯ଟି ୱାର୍ଡରୁ ଆବର୍ଜନା ସଂଗ୍ରହ ପାଇଁ ବ୍ୟାଟେରିଚାଳିତ ଅଳିଆଉଠା ଗାଡ଼ି କିଣିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ କର୍ତ୍ତୃପକ୍ଷ ୨ଟି ଗାଡ଼ି କିଣିବାକୁ ଟେଣ୍ଡର ଡାକିଥିବା ବେଳେ ବରଗଡ଼ ଜିଲ୍ଲା ଭଟଲି ରୋଡ୍‌ର ମେସର୍ସ ଉଷା ଅଟୋମୋବାଇଲସ ଏହି ଇ-କାର୍ଟ ପାଇଁ ଟେଣ୍ଡର




ପାଇଥିଲା। ୯.୬.୨୦୨୦ରେ ୪ ଲକ୍ଷ ୩ ହଜାର ୭୬୦ ଟଙ୍କାରେ ୨ଟି ଇ-କାର୍ଟ କିଣାଗଲା। ଏହାର ମାସକ ପରେ ଅର୍ଥାତ୍ ? ୮.୭.୨୦୨୦ରେ ୪ ଲକ୍ଷ ୩ ହଜାର ୩୬୮ ଟଙ୍କାରେ ପୁଣି ୨ଟି ଇ-କାର୍ଟ ସମାନ ଅଟୋମୋବାଇଲସ୍‌ରୁ କିଣାଗଲା। ଏହା ପରେ ଆଉ ୪ଟି ପର୍ଯ୍ୟାୟରେ ଅର୍ଥାତ୍ ୪.୨.୨୦୨୧ରେ ୪ ଲକ୍ଷ ୮୯ ହଜାର ୬୦୮ ଟଙ୍କାରେ ୨ଟି, ୩.୫.୨୦୨୧ରେ ୧୨ ଲକ୍ଷ ୨୦ ହଜାର ୧୦୦ ଟଙ୍କାରେ ୫ଟି, ୨୬.୭.୨୦୨୧ରେ ୧୯ ଲକ୍ଷ ୫୩ ହଜାର ୭୨୮ ଟଙ୍କାରେ ୮ଟି ଏବଂ ୩୦.୧୨.୨୦୨୧ରେ ୮ ଲକ୍ଷ ୮୨ ହଜାର ଟଙ୍କାରେ ୩ଟି ବ୍ୟାଟେରିଚାଳିତ ଅଳିଆ ଉଠା ଗାଡ଼ି କିଣାଯାଇଥିବା ଖୋଦ୍ ପୌର ନିର୍ବାହୀ ଅଧିକାରୀ ନୋଟ୍ ସିଟ୍‌ରେ ଉଲ୍ଲେଖ କରିଛନ୍ତି। ମ୍ୟୁନିସିପାଲଟି ଆକାଉଣ୍ଟରୁ ପୈଠ ହୋଇଥିବା ଟଙ୍କା ଓ ସୋ'ରୁମ୍‌ରୁ ଡେସ୍‌ପାଚ୍ ହୋଇଥିବା ଗାଡ଼ିର ତଥ୍ୟ ଅନୁସାରେ, ଏହି ୨ ବର୍ଷରେ ବେଲପାହାଡ଼ ମ୍ୟୁନିସିପାଲଟି ମୋଟ ୨୨ଟି ବ୍ୟାଟେରିଚାଳିତ ଅଳିଆଉଠା ଗାଡ଼ି କିଣିଛି। କିନ୍ତୁ ପୌରାଞ୍ଚଳର କାଦୋପଡ଼ା ଡମ୍ପିଂୟାର୍ଡ ନିକଟରେ ଥିବା ଷ୍ଟକ୍‌ୟାର୍ଡ ଯାଞ୍ଚ କରିବାବେଳେ ସେଠାରେ ୨୦ଟି ବ୍ୟାଟେରି ଗାଡ଼ି ରହିଥିବା ଦେଖିବାକୁ ମିଳିଛି। ଏ ନେଇ କିଛି ଦିନ ତଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ମାତ୍ର ସେ ସମୟରେ ଦାୟିତ୍ୱରେ ଥିବା ଅଧିକାରୀ କିଛି ଭିନ୍ନ ତଥ୍ୟ ପ୍ରଶାସନକୁ ଦେଇଥିବା ମ୍ୟୁନିସିପାଲଟି କର୍ମଚାରୀ ସୂଚନା ଦେଇଛନ୍ତି।

୨୦୨୦ ମସିହାରେ କିଣାଯାଇଥିବା ୨ଟି ଗାଡ଼ି ସୋ'ରୁମ୍‌ରୁ ଆସିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେବେଠୁ ଗାଡ଼ି ୨ଟିକୁ ଆଉ ଅଣାଯାଇ ନଥିବା ସଂପର୍କରେ ପ୍ରଶାସନକୁ ଉତ୍ତର ଦିଆଯାଇଥିବା ପୌର କର୍ମଚାରୀ କହିଛନ୍ତି। ଏଭଳି ସ୍ଥିତିରେ ଉକ୍ତ ୨ଟି ଗାଡ଼ିର ପ୍ରକୃତ ସ୍ଥିତିକୁ ନେଇ ପ୍ରଶ୍ନ ଉଠିଲାଣି। ଗାଡ଼ି ୨ଟିକୁ ପ୍ରକୃତରେ କିଣାଯାଇଛି ନା କେବଳ ମ୍ୟୁନିସିପାଲଟି ଆକାଉଣ୍ଟରୁ ଟଙ୍କା ପୈଠ କରିବା ପରେ ସେଗୁଡ଼ିକୁ ଅଧିକାରୀ ଓ ସୋ' ରୁମ୍ କର୍ତ୍ତୃପକ୍ଷ ଭାଗ କରି ନେଇଛନ୍ତି; ତାହା ତଦନ୍ତସାପେକ୍ଷ।

# ଜାତିଭିତ୍ତିକ ଜନଗଣନା ଦାବି କଲା ବିଜେଡି

**ଭୁବନେଶ୍ୱର:** ଜାତିଭିତ୍ତିକ ଜନଗଣନା ସହ ସଂଖ୍ୟାନୁପାତରେ ସଂରକ୍ଷଣକୁ ବିଧାନସଭାରେ ପ୍ରସଙ୍ଗ କରିଛି ବିଜେଡି। ଗତକାଲି ଓ ଆଜି ଏହି ପ୍ରସଙ୍ଗରେ ବିଜେଡି ତା'ର ପ୍ରତିବାଦ ଜାରି ରଖିଛି। ଯଦିଓ ଗୃହ ଭିତରେ କଂଗ୍ରେସରେ ଘଣ୍ଟନାଦରେ ବିଜେଡିର ସ୍ୱର ଶୁଣାଯାଉ ନଥିଲା ତେବେ ବାହାରେ ଏହାକୁ ଜୋର୍‌ଦାର ଉପସ୍ଥାପନ କରିଥିଲା ବିଜେଡି। ସରକାରଙ୍କ ପାଇଁ ଏହି ପ୍ରସଙ୍ଗଟି ଆଉ ଏକ ଅଡୁଆ ସୃଷ୍ଟି କରିଛି।

ପ୍ରଶ୍ନକାଳରେ ବିଜେଡିର ବିଧାୟକମାନେ ଏହି ପ୍ରସଙ୍ଗରେ ହୋହଲ୍ଲା କରୁଥିଲା ବେଳେ ଗୃହ କାର୍ଯ୍ୟ ମୁଲତବୀ ରହିଥିଲା। ଏହା ପରେ ବିଜେଡି ବିଧାୟକମାନେ ପ୍ଲାକାର୍ଡ ଧରି ନାରାବାଜି କରି ବିଧାନସଭା କରିଡରରେ ଶୋଭାଯାତ୍ରା କରିଥିଲେ। ସେମାନଙ୍କ ନାରାବାଜିରେ କରିଡର କମ୍ପିଥିଲା। ଏହା ପରେ ସେମାନେ ମୁଖ୍ୟମନ୍ତ୍ରୀ ପ୍ରବେଶ କରୁଥିବା ଫାଟକ ନିକଟରେ ଧାରଣା ଦେଇଥିଲେ। ସେମାନଙ୍କ ପ୍ଲାକାର୍ଡରେ ଲେଖାଥିଲା, 'ବହୁଜନଙ୍କୁ



ପ୍ରତାରଣା, ସାମାଜିକ ନ୍ୟାୟ ବାଟବଣା','ଇଞ୍ଜିନିୟରିଂ, ମେଡିକାଲ ଶିକ୍ଷାରେ ଏସ୍‌ସି, ଏସ୍‌ଟି, ଓବିସିଙ୍କୁ ସଂଖ୍ୟାନୁପାତରେ ସଂରକ୍ଷଣ ଦିଅ', 'ଜାତି ଗଣନା ବିହାରେ କଲ, ଓଡ଼ିଶାରେ କିଆଁ ଭୁଲିଗଲ'।

ବିଜେଡି ବିଧାୟକ ଅରୁଣ ସାହୁ ଗଣମାଧ୍ୟମରେ କହିଥିଲେ, ସରକାର କହୁଛନ୍ତି ଆମେ ଆଲୋଚନା ପାଇଁ ପ୍ରସ୍ତୁତ। ଖାଲି କହିଦେଲେ ହେବନି। ଆଲୋଚନା ପାଇଁ ବାଟ ବାହାର କରନ୍ତୁ। ସରକାର କିଛି ନଶୁଣିବାରୁ ଆମେ ଆନ୍ଦୋଳନ କରି ଫାଟକ ନିକଟରେ ବସିଲୁ। ସରକାର ନଶୁଣିଲେ ବିରୋଧରେ ଗୃହକୁ କାହିଁକି ଯିବେ? ରାଜ୍ୟରେ ଏସ୍‌ସି, ଏସ୍‌ଟି ଓ ଓବିସିଙ୍କ ୯୪% ଜନସଂଖ୍ୟା। କିନ୍ତୁ ସେମାନଙ୍କୁ ଅଧିକାର ଦିଆଯାଉଛି। ଜମ୍ମୁ କାଶ୍ମିରୀରେ ଏସ୍‌ସି, ଏସ୍‌ଟି ଓ ଓବିସି ସଂରକ୍ଷଣକୁ ଏଠି ମୁଖ୍ୟମନ୍ତ୍ରୀ ସ୍ୱାଗତ କଲେ। କିନ୍ତୁ ଓଡ଼ିଶାରେ କିଛି କରୁ ନାହାନ୍ତି। ବିହାରରେ ଜାତିଭିତ୍ତିକ ଗଣନା କରାଗଲା। ଓଡ଼ିଶାରେ ଅସୁବିଧା କେଉଁଠି ହେଉଛି ? ଏବେ ବୈଷୟିକ ଶିକ୍ଷାରେ ମାତ୍ର ୨୦ ପ୍ରତିଶତ ସଂରକ୍ଷଣ ମିଳୁଛି। ଅନୁସୂଚିତ ଜାତିଙ୍କ ପାଇଁ ୮ ଓ ଜନଜାତିଙ୍କ ପାଇଁ ୧୨ ପ୍ରତିଶତ ସଂରକ୍ଷଣ ରହୁଛି। ଓବିସିଙ୍କୁ ଆଦୌ ସଂରକ୍ଷଣ ମିଳୁନି। ଏହା ସେମାନଙ୍କ ପ୍ରତି ଅବିଚାର। ତେଣୁ ଓଡ଼ିଶାରେ ଜାତିଭତ୍ତିକ ଜନଗଣନା ସହ ଏସ୍‌ସି ଓ ଏସ୍‌ଟିଙ୍କ ପାଇଁ ସଂରକ୍ଷଣ ଦାବି କରାଯାଇଛି। ସରକାରୀ ଦଳ ଖସିବାକୁ ଚେଷ୍ଟା କଲେ ବି ବିଜେଡି ଛାଡ଼ିବ ନାହିଁ। ଏହି ପ୍ରସଙ୍ଗରେ ଦଳ ଜୋର୍‌ଦାର ଲଢ଼େଇ କରିବ ଓ ବିଜେପି ସରକାର ଡୁବିବ।

## ଦୁର୍ନୀତି ବନ୍ୟାରେ ବୁଡ଼ିଛି ଲୋୟର୍ ସୁକତେଲ୍

### ୨୭୨୩ କୋଟିରୁ କାହାର ଭାଗ କେତେ ?



**ବଲାଙ୍ଗୀର :** ବଲାଙ୍ଗୀରର ଜୀବନରେଖା ଲୋୟର୍ ସୁକ୍‌ତେଲ୍ ପ୍ରକଳ୍ପରେ ବାରମ୍ବାର ଦୁର୍ନୀତିର ଛିଟା ବାଜୁଛି। ବିସ୍ଥାପିତଙ୍କୁ ଚିହ୍ନଟ ଓ କ୍ଷତିପୂରଣ ଦେବାରେ ଦୁର୍ନୀତି ଅଭିଯୋଗର ତାଲିକା ବହୁତ ଲମ୍ବା। ଗତବର୍ଷ ଜୁଲାଇରେ ପୂର୍ବତନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତ ଭିଜିଲାନ୍ସ ଜାଲରେ ପଡ଼ିବା ପରେ ପ୍ରକଳ୍ପ ନିର୍ମାଣ ଏବଂ କ୍ଷତିପୂରଣ ବାବଦକୁ ବଡ଼ଧରଣର ଦୁର୍ନୀତି ହୋଇଥିବା ସ୍ପଷ୍ଟ ହୋଇଥିଲା। ଭିଜିଲାନ୍ସ ଟିମ୍ ଶ୍ରୀ ରାଉତଙ୍କ କୋଟି କୋଟି ଆୟ ବହିର୍ଭୂତ ଟଙ୍କା ଠାବ କରିଥିଲା। ଏବେ ଉକ୍ତ ପ୍ରକଳ୍ପରେ ଏକଦା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଭାବେ କାମ କରିଥିବା ବିନୟ ଗଡ଼ନାୟକ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ଦୁର୍ନୀତିର ଆଉ ଏକ ବଡ଼ ପ୍ରମାଣ। ଶ୍ରୀ ରାଉତ ପାଖାପାଖି ୭ କୋଟି ଟଙ୍କା କ୍ଷତିପୂରଣ ଓ ଗାଡ଼ିଭଡ଼ା ଖର୍ଚ୍ଚ ବାବଦରେ ହେରଫେର କରିଥିବାର ପ୍ରମାଣ ପାଇବା ପରେ ଭିଜିଲାନ୍ସ ତାଙ୍କ ବିରୋଧରେ ୨୦୦୮ ମସିହାରୁ ୧୨ଟି ମାମଲା ରୁଜୁ କରିଥିଲା। ଏବେ ପ୍ରଶ୍ନ ଉଠୁଛି, ଏହି ପ୍ରକଳ୍ପ ବାବଦକୁ ଖର୍ଚ୍ଚ ହୋଇଥିବା ୨୭୨୩ କୋଟି ଟଙ୍କାରୁ କିଏ କେତେ ଚଳୁ କରିଛନ୍ତି ? କିଛି ଦିନ ପୂର୍ବରୁ ବାରପୁଡୁଗିଆ ଗ୍ରାମବାସୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଅଫିସରେ ପହଞ୍ଚି ସବୁ କର୍ମଚାରୀଙ୍କୁ ତାଲା ଠୁଙ୍କିଥିଲେ। ୧୯୮୮ ମସିହାରେ ସେମାନଙ୍କୁ ବାରପୁଡୁଗିଆ ରାସ୍ତା କଡ଼େ ୪ ଡିସିମିଲ୍ ଲେଖାଏଁ ଜାଗା ଦିଆଯାଇଥିଲା। ୨୦୦୬ରେ ଲୋୟର୍ ସୁକତେଲ୍ ପ୍ରକଳ୍ପ ସର୍ଭେ ବେଳେ କ୍ଷତିପୂରଣ ତାଲିକାରେ ସେମାନଙ୍କ ନାମ ନଥିଲା। ୭୨ଟି ପରିବାର ମଧ୍ୟରୁ ଯେଉଁମାନଙ୍କୁ କ୍ଷତିପୂରଣ ମିଳିଛି, ସେମାନେ ବୁଡ଼ି ଅଞ୍ଚଳରେ ନାହାନ୍ତି।

ଅଧିକାରୀମାନଙ୍କୁ ୨ ଲକ୍ଷ ଟଙ୍କା ଲାଞ୍ଚ ଦେଇ କ୍ଷତିପୂରଣ ମିଳିଛି। ସର୍ଭେ ସମୟରେ ଉପସ୍ଥିତ ନ ଥିବା ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି ବୋଲି ଗ୍ରାମବାସୀ ଗୁରୁତର ଅଭିଯୋଗ କରିଥିଲେ। ଲୋୟର୍ ସୁକତେଲ୍ ପ୍ରକଳ୍ପରେ ବଲାଙ୍ଗୀର ସଦର ବ୍ଲକ୍‌ର ୧୭ଟି ଗ୍ରାମରୁ ୩୫୩୫ ଜଣ ଏବଂ ଲୋଇସିଂହା ବ୍ଲକ୍‌ର ୧୧ଟି ଗ୍ରାମରୁ ୩୧୮୪ ଜଣ ବିସ୍ଥାପିତ ହୋଇଛନ୍ତି। ସର୍ବମୋଟ ୨୯ ଖଣ୍ଡ ଗ୍ରାମର ମୋଟ ୫୩୩୯ ରୟତି ଖାତାଦାରଙ୍କ ୯୮୫୦.୫୬ ଏକର ଜମି ଅଧିଗ୍ରହଣ କରାଯାଇଛି। ବର୍ତ୍ତମାନ ଯାଏଁ ୨୪୦ଟି ବିସ୍ଥାପିତ ପରିବାର ଥଇଥାନ ସହାୟତା ରାଶି ଗ୍ରହଣ କରିନାହାନ୍ତି। ୧୩ଟି ଭୂମିହୀନ ପରିବାର, ଭୂମିହରା ପ୍ରଜାଙ୍କ ମଧ୍ୟରୁ ୧୧୨୪ ଖାତାଦାର ମଧ୍ୟ ତାଙ୍କ କ୍ଷତିପୂରଣ ରାଶି ଗ୍ରହଣ କରିନାହାନ୍ତି। ପ୍ରାୟ ସମସ୍ତଙ୍କ ଅଭିଯୋଗ ହେଲା, ଯିଏ ହାତଗୁଞ୍ଜା ଦେଇଛି, ସେ ଭଲ କ୍ଷତିପୂରଣ ରାଶି ପାଇଛି। ଠିକ୍ ମୂଲ୍ୟାୟନ ହେଉନଥିବାରୁ କ୍ଷତିପୂରଣ ରାଶି ନେବାକୁ ବହୁ ବିସ୍ଥାପିତ ମନା କରି ଦେଉଛନ୍ତି। କିନ୍ତୁ ବିଧିବଦ୍ଧ ତଦନ୍ତ ହେଉ ନ ଥିବାରୁ ଦୁର୍ନୀତିର ଅସଲ ଚିତ୍ର ସାମନାକୁ ଆସିପାରୁନାହିଁ।

## ଆନ୍ଧ୍ର ସୀମାନ୍ତରେ ବିପର୍ଯ୍ୟସ୍ତ ଓଡ଼ିଆ ଶିକ୍ଷା: ଓଡ଼ିଶା ବିଦ୍ୟାଳୟ ବନ୍ଦ, ଆନ୍ଧ୍ରରେ ପାଠପଢ଼ା

**ପାତ୍ରପୁର:** ଗଞ୍ଜାମ ଜିଲ୍ଲାର ଆନ୍ଧ୍ର ସୀମାନ୍ତ ପାତ୍ରପୁର ବ୍ଲକ୍ ଗୁଡ଼ିପଦର ପଞ୍ଚାୟତ ଅଧୀନ ବଳରାମପୁର ଗ୍ରାମର କ୍ରିଷ୍ଣାୟା ଦାଦନ ଶ୍ରମିକ ଭାବେ କାମ କରନ୍ତି। ପତ୍ନୀ ପୂର୍ଣ୍ଣିମା ଗାଁ ଜମିରେ କାମ କରନ୍ତି। ଏହି ଦଂପତି କେବେ ବିଦ୍ୟାଳୟ ପିଣ୍ଡା ମାଡ଼ିନାହାନ୍ତି। ହେଲେ ସେମାନଙ୍କ ୩ପୁଅଙ୍କୁ ଶିକ୍ଷିତ କରାଇଛନ୍ତି। ତିନି ପୁଅ ପ୍ରାଥମିକ ଶିକ୍ଷାଲାଭ କରିଥିଲେ ଗାଁ ସ୍କୁଲରେ। ହାଇସ୍କୁଲ ଓ ଉଚ୍ଚଶିକ୍ଷା ଆନ୍ଧ୍ରରେ ଶେଷ କରିଥିଲେ। ସମସ୍ୟା ଥିଲା ଏଠାରେ ତେଲୁଗୁ ଶିକ୍ଷକ ଅଭାବ। ଏହି କାରଣରୁ ଅନେକ ପିଲା ପ୍ରାଥମିକ ଶିକ୍ଷା ପରେ ପାଠପଢ଼ାରେ ଡୋରି ବାନ୍ଧୁଛନ୍ତି। କ୍ରିଷ୍ଣାୟା, ପୂର୍ଣ୍ଣିମା କିନ୍ତୁ ତିନି ପୁଅଙ୍କୁ ଉଚ୍ଚଶିକ୍ଷା ପାଇଁ ଏହି ପଦକ୍ଷେପ ନେଇଥିଲେ। ପାଠ ପଢ଼ାଇ ସେମାନଙ୍କୁ ଉଚ୍ଚଶିକ୍ଷିତ କରି ସମାଜରେ ଏକ ସୁନାଗରିକର ପରିଚୟ ଦେବା ଲାଗି ଏହି ଦମ୍ପତିଙ୍କ ପ୍ରୟାସ ଆଜି ଉକ୍ତ ଅଞ୍ଚଳରେ ସଭିଙ୍କ ପାଇଁ ପ୍ରେରଣାର ଉତ୍ସ। ବଡ଼ପୁଅ ବି.ତୁଳସୀ ଦାସ ଭାରତୀୟ ସେନାରେ ଚାକିରି କରୁଥିବା ବେଳେ କୌଣସି କାରଣରୁ ଗତବର୍ଷ ଜାନୁଆରି ମାସରେ ତାଙ୍କର ମୃତ୍ୟୁ ଘଟିଛି। ମଝିଆ ପୁଅ ତ୍ରିନାଥ ଏମ୍‌ଟେକ୍ ଡିଗ୍ରି ହାସଲ ପରେ ୱାରଙ୍ଗଲ୍ ଏନ୍‌ଆଇଟିରେ ଏମ୍‌ବିଏ ପଢୁଛନ୍ତି। ସାନପୁଅ ଭେଙ୍କଟେଶ ଆଇଆଇଟି ଖଡ଼ଗପୁରରେ ପଢ଼ିବା ପରେ ଗେଟ୍ ପ୍ରବେଶିକାରେ ପ୍ରଥମବର୍ଷ ସର୍ବଭାରତୀୟ ସ୍ତରରେ ୭୨୦ ନମ୍ବର, ଦ୍ୱିତୀୟବର୍ଷ ୧୨୭ ନମ୍ବର ଓ ଚଳିତବର୍ଷ ସର୍ବଭାରତୀୟ ସ୍ତରରେ ୮୬ ନମ୍ବର ର୍ୟାଙ୍କ୍ ରଖି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

ତେବେ କେବଳ କ୍ରିଷ୍ଣାୟାଙ୍କ ପୁଅମାନେ ନୁହନ୍ତି, ଆଜି ବି ପାତ୍ରପୁର ବ୍ଲକ୍ ସୀମାନ୍ତ ପଞ୍ଚାୟତଗୁଡ଼ିକରୁ ଅନେକ ଛାତ୍ରଛାତ୍ରୀ ଉଚ୍ଚବିଦ୍ୟାଳୟ ଓ ଉଚ୍ଚଶିକ୍ଷା ପାଇଁ ଆନ୍ଧ୍ରକୁ ପଢ଼ିବାକୁ ଯାଉଛନ୍ତି। କ୍ରିଷ୍ଣାୟା ଓ ପୂର୍ଣ୍ଣିମାଙ୍କ ତିନି ପୁଅ ଯେଉଁ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷାଲାଭ କରିଥିଲେ ତାହା ଆଜି ତାଲା ପଡ଼ିଯାଇଛି। ଗୁଡ଼ିପଦର ପଞ୍ଚାୟତ ଦୁଇଟି ଗ୍ରାମକୁ ନେଇ ଗଠିତ ହୋଇଥିବା ବେଳେ ଉଭୟ ଗ୍ରାମରେ ଥିବା ବିଦ୍ୟାଳୟକୁ କମ୍ ଉପସ୍ଥାନ ଦେଖାଇ ବନ୍ଦ କରି ଦିଆଯାଇଛି।

ସୀମାନ୍ତ ବିଦ୍ୟାଳୟ ତଥା ତେଲୁଗୁ ଭାଷାଭାଷୀ ଛାତ୍ରଛାତ୍ରୀଙ୍କୁ ତେଲୁଗୁ ଶିକ୍ଷକ ସହିତ ଓଡ଼ିଶା ସରକାର ନିୟମିତ ବହି ଯୋଗାଇ ଦେଉ ନଥିବାରୁ ପ୍ରତିବର୍ଷ ଶହ ଶହ ଛାତ୍ରଛାତ୍ରୀ ଆନ୍ଧ୍ର ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ଏନେଇ ବହୁବାର ଖବର ପ୍ରକାଶିତ ହୋଇଥିଲେ ହେଁ, ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ବି ସମାନ ପରିସ୍ଥିତି ଉପୁଜିବା ଥୟ। ପାତ୍ରପୁର ଓ ଚିକିଟି ବ୍ଲକ୍ ସମେତ ଗଜପତି ଜିଲ୍ଲାର ବିଭିନ୍ନ ସୀମାନ୍ତ ଗ୍ରାମରେ ଏବେ ଓଡ଼ିଆ ଭାଷା ଓ ବିଦ୍ୟାଳୟ ପାଠପଢ଼ା ଲୋପ ପାଇ ଚାଲିଥିବା ବେଳେ ଲୋକେ ତେଲୁଗୁ ଭାଷା ପ୍ରତି ଆକର୍ଷିତ ହେଉଛନ୍ତି ଏବଂ ଆନ୍ଧ୍ର ଶିକ୍ଷାନୁଷ୍ଠାନକୁ ମୁହାଁଉଛନ୍ତି। ଓଡ଼ିଆ ଅସ୍ମିତାର କଥା କହି କ୍ଷମତାକୁ ଆସିଥିବା ରାଜ୍ୟ ସରକାର ସୀମାନ୍ତରେ ଓଡ଼ିଆ ଭାଷାର ସୁରକ୍ଷା ଦିଗରେ କିଭଳି ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା।

ଓଡ଼ିଶା ନିଶବ୍ଦ
THE ODISHA NISHABDA




‘ଡିଜିଟାଲ ଇଣ୍ଡିଆ’ର ୧୧ ବର୍ଷ ପୂର୍ତ୍ତି ଅବସରରେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା

# ଡିଜିଟାଲ ଇଣ୍ଡିଆର ବିଶ୍ୱରେ ଏକ ନୂତନ ପରିଚୟ ଦେଇଛ



ନୂଆଦିଲ୍ଲୀ:‘ଡିଜିଟାଲ ଇଣ୍ଡିଆ’ର ୧୧ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଏହି ପଦକ୍ଷେପ ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଦୃଢ଼ ଭିତ୍ତିଭୂମି। ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଏହା ଗରିବ ଏବଂ ଅବହେଳିତ ଲୋକଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଏବଂ ଦେଶବାସୀଙ୍କ ଜୀବନକୁ ସହଜ କରିଛି।

ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଡିଜିଟାଲ ଇଣ୍ଡିଆ ବିଷୟରେ ଅନେକ ପୋଷ୍ଟ କରିଛନ୍ତି। ଏହି ପଦକ୍ଷେପ ଶାସନ କଳକୁ ପୁନଃପରିଭାଷିତ କରିଛି, ନାଗରିକମାନଙ୍କୁ ସଶକ୍ତ କରିଛି ଏବଂ ସର୍ବାଙ୍ଗୀନ ବିକାଶକୁ ତ୍ୱରାନ୍ୱିତ କରିଛି। ଏହା ସହିତ ଯୁବବର୍ଗଙ୍କୁ ନୂଆ ସୁଯୋଗ ଦେଇଛି। ଏହା ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଛି। ସହଜ ଡିଜିଟାଲ ପେମେଣ୍ଟ ଏବଂ ହିତାଧିକାରୀଙ୍କୁ ସ୍ୱଚ୍ଛତା ସହିତ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ଠାରୁ ଆରମ୍ଭ କରି ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ବିସ୍ତାର ପର୍ଯ୍ୟନ୍ତ, ପ୍ରଯୁକ୍ତିବିଦ୍ୟା ସହଜ ଜୀବନଯାପନକୁ ଆଗକୁ ବଢ଼ାଇବା ପାଇଁ ଏକ ଶକ୍ତିଶାଳୀ ଉପକରଣ ପାଲଟିଛି। ଏହି ଅଭିଯାନର ଅଭୂତପୂର୍ବ ସଫଳତା ଭାରତ ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି।

ଡିଜିଟାଲ ଇଣ୍ଡିଆ ଭାରତର ପ୍ରତ୍ୟେକ ଅଂଶକୁ, ବିଶେଷକରି ଗାଁ ଏବଂ ଦ୍ୱିତୀୟ ଏବଂ ତୃତୀୟ ସହରକୁ ନବସୃଜନର ଲହରୀ ନେଇଯାଇଛି। ଦେଶର ପ୍ରତ୍ୟେକ କୋଣରୁ ଯୁବ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଏବଂ ନବସୃଜନକାରୀମାନେ ଆମ ପୃଥିବୀ ସାମ୍ନା କରୁଥିବା ଗମ୍ଭୀର ଚ୍ୟାଲେଞ୍ଜର ସମାଧାନର ପଥ ବାହାର କରୁଛନ୍ତି। ଏହି ପଦକ୍ଷେପ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବାଣିଜ୍ୟ ଏବଂ ସାର୍ବଜନୀନ ସେବା ଯୋଗାଣକୁ ସୁଦୃଢ଼ ??କରିଛି, ଯାହା ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ସୁଲଭ କରିଛି। ସେ କହିଛନ୍ତି, “ଡିଜିଟାଲ କ୍ଷେତ୍ରରେ ଆମର ପ୍ରଗତି ନିଶ୍ଚିତ କରିଛି ଯେ ଭାରତ ଏଆଇ, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି। ଏହା ଦ୍ୱାରା ଅଭିବୃଦ୍ଧି ଏବଂ ସୁଯୋଗ ପାଇଁ ନୂତନ ରାସ୍ତା ମଧ୍ୟ ଖୋଲିବ। ଆମର ଧ୍ୟାନ ଏପରି ଏକ ଭବିଷ୍ୟତ ନିର୍ମାଣ ଉପରେ ରହିବ ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ମାନବତାର ସେବା କରିବ, ପ୍ରତ୍ୟେକ ନାଗରିକକୁ ସଶକ୍ତ କରିବ ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଡିଜିଟାଲ ଇଣ୍ଡିଆର ସଫଳତା ଭାରତକୁ ସାରା ବିଶ୍ୱରେ ଏକ ନୂତନ ପରିଚୟ ଦେଇଛି। ଏହା ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରି ଦେଶବାସୀଙ୍କୁ ନୂତନ ଉଚ୍ଚତାକୁ ନେଇଯିବାର ଦୃଢ଼ ସଂକଳ୍ପକୁ ଦର୍ଶାଉଛି।ଏକ ସଂସ୍କୃତ ଶୁଭାଶିତମ୍ ସେୟାର କରି ସେ ଲେଖିଛନ୍ତି, ‘ବିଜ୍ଞାନସାରଥିର୍ୟସ୍ତୁ ମନଃପ୍ରଗ୍ରହବନ୍ନରଃ। ସୋଧ୍ୱନଃ ପରମାପ୍ନୋତି ତଦ୍ୱିଷ୍ଣୋଃ ପରମମ୍ ପଦମ୍।’

ଏହାର ଅର୍ଥ ହେଉଛି, ‘ଯେଉଁ ବ୍ୟକ୍ତିର ବିଚକ୍ଷଣ ବୁଦ୍ଧି ଜଣେ ବୈଜ୍ଞାନିକ ସାରଥି ପରି ସତର୍କ ଏବଂ ଯାହାର ମନ ସଂଯମ, ସେ ଜୀବନ ପଥର ଜଟିଳତାକୁ ଦୂର କରି ଚୂଡ଼ାନ୍ତ ଲକ୍ଷ୍ୟରେ ପହଞ୍ଚିଥାଏ।’

# ନୂଆ ସେନାମୁଖ୍ୟ ଭାବେ ଦାୟିତ୍ୱ ନେଲେ ଜେନେରାଲ ଧୀରଜ ସେଠ୍



ନୂଆଦିଲ୍ଲୀ: ଭାରତୀୟ ସେନାର ନୂଆ ମୁଖ୍ୟ ଭାବେ ଜେନେରାଲ ଧୀରଜ ସେଠ୍ ଆଜି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପଶ୍ଚିମ ସୀମାନ୍ତରେ ସେନାର ଦୁଇଟି ପ୍ରମୁଖ ଅପରେସନାଲ କମାଣ୍ଡର ନେତୃତ୍ୱ ନେବାର ବିରଳ ଅଭିଜ୍ଞତା ଜେନେରାଲ ସେଠ୍ ?ଙ୍କ ପାଖରେ ରହିଛି। ସେନାକୁ ସ୍ୱାବଲମ୍ବୀ, ଆଧୁନିକ ତଥା ଭବିଷ୍ୟତର ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ କରିବା ଏବଂ ସୀମା ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ସେନା ପକ୍ଷରୁ କୁହାଯାଇଛି। ସେ ଭାରତର ୧୩ ଲକ୍ଷ ସଦସ୍ୟ ବିଶିଷ୍ଟ ବିଶାଳ ସେନା ବାହିନୀର ୩୧ତମ ସେନାଧ୍ୟକ୍ଷ ହୋଇଛନ୍ତି।

ଅନ୍ୟପକ୍ଷରେ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପ୍ରାୟ ୪୦ ବର୍ଷରୁ ଅଧିକ ସମୟ ଧରି ଦେଶର ସେନା ବାହିନୀରେ ଉଲ୍ଲେଖନୀୟ ସେବା ପ୍ରଦାନ କରିବା ପରେ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ସେନାମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଜେନେରାଲ ସେଠ୍ ଭାରତୀୟ ସେନାର ଉପମୁଖ୍ୟ (ଭାଇସ୍ ଚିଫ୍ ଅଫ୍ ଦି ଆର୍ମି ଷ୍ଟାଫ୍) ଭାବେ କାର୍ଯ୍ୟ କରୁଥିଲେ।

ବର୍ତ୍ତମାନ ବିଶ୍ୱର ଭୂ-ରଣନୀତିକ ପରିବେଶ ଏବଂ ସୁରକ୍ଷା ବ୍ୟବସ୍ଥା ବେଶ୍ ପରିବର୍ତ୍ତନଶୀଳ ରହିଛି। ବିଶେଷ କରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଏବଂ ଆଧୁନିକ ଯୁଦ୍ଧ କୌଶଳରେ ଆସୁଥିବା ବ୍ୟାପକ ପରିବର୍ତ୍ତନ ଯୋଗୁଁ ସୁରକ୍ଷା କ୍ଷେତ୍ରରେ ନୂଆ ନୂଆ ଆହ୍ୱାନ ସୃଷ୍ଟି ହେଉଛି। ଏଭଳି ଏକ ଜଟିଳ ସମୟରେ ଜେନେରାଲ ସେଠ୍ ଭାରତୀୟ ସେନାର ସର୍ବୋଚ୍ଚ କମାଣ୍ଡ ଗ୍ରହଣ କରିଛନ୍ତି।

# ୨୦ରୁ ଆରମ୍ଭ ହୋଇପାରେ ମୌସୁମୀ ଅଧିବେଶନ



ନୂଆଦିଲ୍ଲୀ: ସଂସଦରେ ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୦ ତାରିଖରୁ ଆରମ୍ଭ ହୋଇପାରେ। ଅଧିବେଶନ ଆରମ୍ଭ ହେଲେ ୩ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ତେବେ ସଂସଦୀୟ ବ୍ୟାପାର କ୍ୟାବିନେଟ୍? କମିଟି ଏଯାବତ ଏନେଇ କିଛି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ସାଧାରଣତଃ ମେ?ସୁମୀ ଏବଂ ଶୀତ ଅଧିବେଶନରେ ୨୦ଟି କାର୍ଯ୍ୟଦିବସ ରହିଥାଏ ଏବଂ ଏହା ୪ ସପ୍ତାହ ପର୍ଯ୍ୟନ୍ତ ଚାଲେ। କିନ୍ତୁ କିଛି କ୍ଷେତ୍ରରେ କମ୍? ସମୟର ଅଧିବେଶନ ମଧ୍ୟ ହୋଇଛି।

ପଶ୍ଚିମବଙ୍ଗ,ଆସାମ ଏବଂ ପୁଡୁଚେରୀରେ ବିଜେପିର ବିଜୟ ପରେ ମେ?ସୁମୀ ଅଧିବେଶନ ଆରମ୍ଭ ହେଉଛି। ଆଗାମୀ ଅଧିବେଶନରେ ଟିଏମ୍?ସି ଏବଂ ଶିବସେନା (ୟୁବିଟି)ରେ ବିବାଦ ମଧ୍ୟ ସ୍ପଷ୍ଟ ଦେଖିବାକୁ ମିଳିବ। ତେବେ ୨୦ ଟିଏମ୍?ସି ସାଂସଦ ଏବଂ ୬ ଶିବସେନା (ୟୁବିଟି) ସାଂସଦଙ୍କୁ ପୃଥକ୍? ଗୋଷ୍ଠୀର ମାନ୍ୟତା ଦେବା ସଂକ୍ରାନ୍ତ ଦାବି ଉପରେ ଏଯାବତ ଲୋକସଭା ବାଚସ୍ପତି ଓମ୍? ବିର୍ଲା କିଛି ନିଷ୍ପତ୍ତି ନେଇନାହାନ୍ତି। ଅନ୍ୟପକ୍ଷେ ରାଜ୍ୟସଭାରେ ନବ ନିର୍ବାଚିତ ଏବଂ ପୂନଃ ନିର୍ବାଚିତ ସାଂସଦମା?ନେ ଶପଥ ନେବାପରେ ଶାସକ ଏନ୍?ଡିଏ ସମର୍ଥନରେ ପୁଣି ରାଜନେ?ତିକ ସଂଖ୍ୟା ବଢ଼ିବ।

# ଦେଶବ୍ୟାପୀ ମୌସୁମୀ ସକ୍ରିୟ, ପ୍ରବଳ ବର୍ଷା ସମ୍ଭାବନା



ନୂଆଦିଲ୍ଲୀ: ସପ୍ତାହେ ଧରି ମନ୍ଥର ଗତି ଓ ବର୍ଷାର ଅଭାବ ପରେ ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୁଣି ଥରେ ସକ୍ରିୟ ହେବାରେ ଲାଗିଛି। ଚଳିତ ସପ୍ତାହରେ ବଙ୍ଗୋପ ସାଗରରେ ଦୁଇଟି ପ୍ରଭାବଶାଳୀ ଲଘୁଚାପ ବଳୟ ସୃଷ୍ଟି ହେବାକୁ ଯାଉଛି। ଏହାର ପ୍ରଭାବରେ ସାରା ଦେଶରେ ବ୍ୟାପକ ବର୍ଷା ସହ ଉତ୍ତର ଭାରତରେ ବହୁ ପ୍ରତୀକ୍ଷିତ ମୌସୁମୀ ବର୍ଷାର ଆଗମନ ହେବ। ଦିଲ୍ଲୀ-ଏନ୍?ସିଆର, ହରିୟାଣା ଏବଂ ରାଜସ୍ଥାନରେ ପ୍ରଚଣ୍ଡ ଗରମ ସାଙ୍ଗକୁ ଗୁଳୁଗୁଳି ଜାରି ରହିଥିବା ବେଳେ ଏହି ନୂତନ ପାଣିପାଗ ସ୍ଥିତି ବଡ଼ ପରିବର୍ତ୍ତନ ଆଣିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ମୌସୁମୀ ଟ୍ରଫ୍? (ନିମ୍ନଚାପ ବଳୟ) ତା’ର ସ୍ୱାଭାବିକ ସ୍ଥିତି ବଦଳରେ ଉତ୍ତରରେ ଅର୍ଥାତ ହିମାଳୟର ପାଦଦେଶ ନିକଟରେ ସ୍ଥିର ରହିଥିଲା। ଏହି କାରଣରୁ ଗାଙ୍ଗେୟ ସମତଳ ଅଞ୍ଚଳରେ ବର୍ଷା ହୋଇନଥିଲା ଏବଂ ଦିଲ୍ଲୀ ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ମୌସୁମୀ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ପୂର୍ବାନୁମାନ ଅନୁଯାୟୀ, ଏହି ଟ୍ରଫ୍ ଲାଇନ ଆଗାମୀ ଦିନରେ ଧୀରେ ଧୀରେ ଦକ୍ଷିଣ ଆଡ଼କୁ ଗତି କରିବ। ଏହାର ପ୍ରଭାବରେ ପଂଜାବ, ହରିୟାଣା, ଦିଲ୍ଲୀ-ଏନ୍?ସିଆର, ରାଜସ୍ଥାନ ଏବଂ ପଶ୍ଚିମ ଉତ୍ତର ପ୍ରଦେଶରେ ବିଜୁଳି ଘଡ଼ଘଡ଼ି ସହ ବ୍ୟାପକ ବର୍ଷା ହେବ। ଜୁଲାଇ ୧ରୁ ୫ ତାରିଖ ମଧ୍ୟରେ ଏହି ପରିବର୍ତ୍ତନ ଆରମ୍ଭ ହେବ, ଯାହାଫଳରେ ତାପମାତ୍ରାରେ ଉଲ୍ଲେଖନୀୟ ହ୍ରାସ ଘଟିବ। କେବଳ ମୌସୁମୀ ଟ୍ରଫ୍? ନୁହେଁ, ବରଂ ବଙ୍ଗୋପସାଗରରେ ପଛକୁ ପଛ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଯାଉଛି। ଏହି ପାଣିପାଗ ସ୍ଥିତି କେନ୍ଦ୍ରୀୟ ଭାରତ ଦେଇ ସ୍ଥଳଭାଗକୁ ମାଡ଼ି ଚାଲିବ। ଏହା ଦ୍ୱାରା ବାୟୁମଣ୍ଡଳକୁ ପ୍ରଚୁର ପରିମାଣରେ ଜଳୀୟବାଷ୍ପ ପ୍ରବେଶ କରିବ, ଯାହା ମୌସୁମୀ ବାୟୁ ପ୍ରବାହକୁ ଅଧିକ ଶକ୍ତିଶାଳୀ କରିବା ସହ ପୂର୍ବ, ମଧ୍ୟ ଏବଂ ପଶ୍ଚିମ ଭାରତରେ ବର୍ଷାର ପରିମାଣ ବଢ଼ାଇବ।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଦେଶର ପଶ୍ଚିମ ଉପକୂଳରେ ପୁଣି ଥରେ ବର୍ଷା ପ୍ରକୋପ ବୃଦ୍ଧି ପାଇବ। ମୁମ୍ବାଇରେ ସପ୍ତାହ ମଧ୍ୟଭାଗରୁ ବର୍ଷାର ପରିମାଣ ଅତ୍ୟଧିକ ବଢ଼ିପାରେ। ସପ୍ତାହ ଶେଷ ସୁଦ୍ଧା ମୁମ୍ବାଇ ମହାନଗର ଅଞ୍ଚଳର କେତେକ ସ୍ଥାନରେ ପ୍ରାୟ ୫୦୦ ମିଲିମିଟର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ପାଣିପାଗ ବିଶେଷଜ୍ଞଙ୍କ ମତରେ, ଦୀର୍ଘ ଏକ ମାସର ପ୍ରତୀକ୍ଷା ପରେ ଭାରତର ମୌସୁମୀ ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ସକ୍ରିୟ ହୋଇଛି।



# ମାଫିଆଙ୍କ ହାତରେ ନଦୀଶଯ୍ୟା: ବିପଦରେ ବିରୂପା

## ବିନା ପରିବେଶ ମଞ୍ଜୁରିରେ ଚାଲିଛି ୩୮ ବାଲି ଖାଦାନ



**ଯାଜପୁର :** ଯାଜପୁର ଜିଲ୍ଲାରେ ବାଲି ଚୋରି ସୀମା ଟପିଲାଣି। ଜିଲ୍ଲାରେ ୬୮ଟି ବାଲି ଖାଦାନ ଚଳାଇବା ପାଇଁ ପ୍ରଶାସନ ଅନୁମତି ଦେଇଛି। ତନ୍ମଧ୍ୟରୁ ୩୦ଟି ବାଲିଘାଟ ପାଇଁ ପରିବେଶ ମଞ୍ଜୁରି ମିଳିଥିବାବେଳେ ବିନା ପରିବେଶ ମଞ୍ଜୁରିରେ ୩୮ଟି ବାଲି ଖାଦାନ ଚାଲିଛି। ଏହାବାଦ ଚୋରାରେ ଚାଲିଛି ୨୦୦ ଛୋଟବଡ଼ ବାଲିଘାଟ। ଦିନ ଦ୍ୱିପ୍ରହରରେ ବଡ଼ବଡ଼ ମେସିନ୍ ଲଗାଇ ହାଇୱାରେ ଲକ୍ଷଲକ୍ଷ ଘନମିଟର ବାଲି ଚୋରାଚାଲାଣ ହେଉଛି। ଫଳସ୍ୱରୂପ ସ୍ଥାନୀୟ ଅଞ୍ଚଳର ପରିବେଶ କ୍ଷତିଗ୍ରସ୍ତ ହେବା ସହ ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ଅଥଚ ପ୍ରଦୂଷଣ ଓ ପରିବେଶ ବିଭାଗ ନିରବଦ୍ରଷ୍ଟା ସାଜିଛି। ବାଲିଘାଟ ଚିହ୍ନଟ, ଉତ୍ତୋଳନ ପାଇଁ ଖଣି ଓ ଇସ୍ପାତ ବିଭାଗ ୨୦୨୪ ମେ ୨୦ରେ ଜାରି କରିଥିବା ମାଗଦର୍ଶିକାକୁ ଜିଲ୍ଲା ଖଣି ବିଭାଗ ଦଳିମକଚି ଦେଇଛି।

ଖଣିଜ ଚୋରି ବନ୍ଦ ତଥା ଉତ୍ତୋଳନରେ ସ୍ୱଚ୍ଛତା ଆଣିବା ପାଇଁ ଲଘୁ ଖଣିଜ ନିର୍ଦ୍ଦେଶାଳୟ ମାର୍ଗଦର୍ଶିକା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲା। ୨୫ ଫେବୃଆରି ୨୦୨୫ରେ ଏ ନେଇ ଚିଠି ଜାରି କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲା ବିଭାଗ। ୪ ମାର୍ଚ୍ଚ ୨୦୨୫ ସୁଦ୍ଧା ଏହାକୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ପ୍ରାୟ ଲିଜ୍‌ଧାରୀ ଏହାକୁ ଅଣଦେଖା କରିଛନ୍ତି। ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଥିବା ବିରୂପା ନଦୀକୁ ନମୁନା ଭାବେ ନେଲେ ଯଥେଷ୍ଟ ହେବ। ବର୍ତ୍ତମାନ ଏହି ନଦୀରୁ ପ୍ରତିଦିନ ଟ୍ରକ୍ ଟ୍ରକ୍ ବାଲି ଚୋରାଚାଲାଣ ହେଉଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଅବାଧ ବାଲି ଖନନ ପାଇଁ ବିରୂପା ନଦୀ ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ ହରାଇଲାଣି। ପରିବେଶ ମଧ୍ୟ ପ୍ରଦୂଷିତ ହେଲାଣି। ଏତେ ସଂଖ୍ୟାରେ ହାଇୱାରେ ବାଲି ପରିବହନ କରାଯାଉଛି ଯେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଅସୁରକ୍ଷିତ ମଣୁଛନ୍ତି। ଅଥଚ ଏ ଦିଗରେ ପ୍ରଶାସନ କିମ୍ବା ନିର୍ବାଚିତ ଜନପ୍ରତିନିଧିଙ୍କ ନିଘା ନାହିଁ।

ବର୍ତ୍ତମାନ ପାରାଦୀପଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ଚାଲିଛି। ରାସ୍ତା ପ୍ରଶସ୍ତୀକରଣ କାମରେ ମାଟି ବଦଳରେ ବାଲି ବ୍ୟବହାର ପାଇଁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଏଥିସହିତ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ, ପରିବେଶବିତ, କୃଷକ ଓ ବୁଦ୍ଧିଜୀବୀ ବିରୂପା ନଦୀର ପୁନରୁଦ୍ଧାର ପାଇଁ ଦାବି କରିବା ସହ 'ବିରୂପା ନଦୀ ବଞ୍ଚାଅ' କମିଟି ଗଠନ କରି ଆନ୍ଦୋଳନ କରିଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ବିରୂପା ନଦୀର ବାଲିକୁ ଜାତୀୟ ରାଜପଥ କାର୍ଯ୍ୟରେ ବିନିଯୋଗ ପାଇଁ ଯଦି ଲିଜ୍ ଦେଇଥା'ନ୍ତେ ତେବେ ସରକାର ରାଜସ୍ୱ ପାଇବା ସହିତ ନଦୀର ପୁନରୁଦ୍ଧାର ହୋଇପାରନ୍ତା। ମାତ୍ର ଏସବୁକୁ ଅଣଦେଖା କରି ବାଲି ମାଫିଆଙ୍କ ହାତରେ ନଦୀଶଯ୍ୟା ଟେକି ଦେଇ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି।




### ପାଣି କିଣି ପିଉଛନ୍ତି ବାଲେଶ୍ୱରବାସୀ

# ବିଶୁଦ୍ଧ ପାଣି ମୁନ୍ଦାଏ ପାଇଁ ତହଲବିକଳ

**ବାଲେଶ୍ୱର :** ସବୁ ଘରକୁ ପହଞ୍ଚିବ ବିଶୁଦ୍ଧ ପିଇବା ପାଣି। ପାଣି ପାଇଁ କେହି ଆଉ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଅସଜଡ଼ା ନଳକୂଅ ସବୁ ସଜଡ଼ା ଯିବ। ପିଇବା ପାଣି ନାଁରେ ପୂର୍ବ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏମିତି ଡିଣ୍ଡିମ ପିଟିଥିଲେ। ହେଲେ ଆଜିଯାଏଁ ଲୋକଙ୍କୁ ବିଶୁଦ୍ଧ ପିଇବା ପାଣି ମିଳିବା ସ୍ୱପ୍ନ ହୋଇଛି। ବର୍ଷ ବର୍ଷ ଧରି ବାଲେଶ୍ୱର ସହରବାସୀ ଗୋଳିଆ, ଲୁହାଗୁଣ୍ଡ, ପଙ୍କୁଆ, ଅଳିଆ ଆବର୍ଜନା ଭାସୁଥିବା ପାଣି ପିଉଛନ୍ତି। ଯାହା ଆଜି ବିଭିନ୍ନ ରୋଗର କାରଣ ପାଲଟିଛି। ସରକାର ଓ ପ୍ରଶାସନ ଉପରେ ଭରସା ଛାଡ଼ି ଏବେ ସହରବାସୀ କିଣା ପାଣିରେ ଶୋଷ ମେଣ୍ଟାଉଛନ୍ତି।





ବାଲେଶ୍ୱର ସହରର ଜନସଂଖ୍ୟା ୪ ଲକ୍ଷରୁ ଊର୍ଦ୍ଧ୍ୱ। ସବୁ ଘରକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ 'ଅମୃତ' ଯୋଜନାରେ ୧୦ ବର୍ଷ ତଳେ ୧୦୦ କୋଟି ଟଙ୍କା ବ୍ୟୟରେ ପାଇପ୍ ସଂଯୋଗ ହେଲା। ହେଲେ ଦୂରଦୃଷ୍ଟି ଅଭାବରୁ ଏହି ଯୋଜନା ସଂପୂର୍ଣ୍ଣ ବିଫଳ ହେଲା। ଏଯାଏଁ ସହରବାସୀ ଏହାର ଉପକାର ପାଇପାରିଲେ ନାହିଁ। ସେମିତି ସହରର ବିଭିନ୍ନ ୱାର୍ଡରେ ବୋରିଂ କରାଯାଇ ପାଣିର ବ୍ୟବସ୍ଥା କରାଯାଇଥିଲେ ବି ଏହି ଯୋଜନାରେ ଲୋକଙ୍କୁ ପାଣି ମୁନ୍ଦାଏ ମିଳିପାରୁନାହିଁ। ବହୁବର୍ଷର ବ୍ୟବଧାନ ପରେ ସହରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରେମୁଣା ବ୍ଲକ୍ ବାଙ୍କତିରାଠାରେ ୨ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବୁଢ଼ାବଳଙ୍ଗ ନଦୀ ପାଣିକୁ ବିଶୋଧନ କରାଯାଇ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବା ନେଇ ବୃହତ୍ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ହେଲେ, ଏହି ପ୍ରକଳ୍ପ କେବେ ଶେଷ ହେବ ତାହା ଜଣାନାହିଁ। କାରଣ ଏହି ପ୍ରକଳ୍ପ କାମ ଏବେ ହିଁ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ, ବାଲେଶ୍ୱର ସହରବାସୀଙ୍କୁ ପାଇପ୍ ଯୋଗେ ଯେଉଁ ପାଣି ମିଳୁଛି ତାହା ପିଇବା ଯୋଗ୍ୟ ନୁହେଁ। ଅଧିକାଂଶ ସମୟରେ ଗୋଳିଆ ପାଣି ଆସୁଛି। ପାଣି ପଙ୍କୁଆ ଗନ୍ଧାଉଥିବା ବେଳେ ପିଇବା ତ ଦୂରର କଥା, ପାଟିରେ ଦେଇ ହେଉନାହିଁ। ଏମିତିକି ପାଣିରେ ଲୁହାଗୁଣ୍ଡ ସହିତ ପୁଳାପୁଳା ଅଳିଆ ଆବର୍ଜନା ଭାସୁଛି। ଲୋକେ ଟ୍ୟାପ୍‌ରେ ଲୁଗା ବାନ୍ଧି ପାଣି ନେଲେ ବି କିଛି ସମୟ ପରେ ଏହା ନାଲି ପଡ଼ିଯାଉଛି। ଆକ୍ୱାଗାର୍ଡ କିଛି ଦିନ ପରେ ଅଚଳ ହୋଇଯାଉଛି। ଫଳରେ ଏହାକୁ ଲୋକେ ଗାଧୋଇବା ପାଇଁ ବ୍ୟବହାର କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଯେଉଁ ପାଣି ଦିଆଯାଉଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି।

ପୌରାଞ୍ଚଳରେ ପ୍ରାୟ ସବୁ ୱାର୍ଡରେ ସହରବାସୀ ପାଣି ସମସ୍ୟା ସହିତ ଯୁଝି ହେଉଛନ୍ତି। ୱାର୍ଡ ନଂ ୧, ୨, ୩, ୪, ୫, ୬, ୭, ୧୦, ୧୪, ୨୭, ୨୪, ୧୨ ଆଦି ସହିତ ପ୍ରାୟ ସବୁ ୱାର୍ଡରେ ପିଇବା ପାଣିକୁ ନେଇ ସ୍ଥିତି ସଂଗିନ। ବିକଳ୍ପ ବ୍ୟବସ୍ଥା ନଥିବାରୁ ଲୋକେ ପ୍ରତିଦିନ ପାଣି କିଣି ପିଉଛନ୍ତି। ଭାତହାଣ୍ଡିରୁ ଗୋଟିଏ ପରି ୪ ନମ୍ବର ୱାର୍ଡରେ ୧ ହଜାରରୁ ଅଧିକ ପରିବାର ରହୁଥିବା ବେଳେ ଏଥିରୁ ୮୦ ପ୍ରତିଶତ ପରିବାର ପାଣି କିଣି ପିଉଛନ୍ତି। ଗୋଟିଏ ପାଣି କ୍ୟାନ୍‌କୁ ୪୦ ଟଙ୍କା ପଡୁଥିବା ବେଳେ ୱାର୍ଡରେ ପ୍ରତି ପରିବାର ମାସକୁ ପାଖାପାଖି ୧୫ ଶହ ଟଙ୍କା ପିଇବା ପାଣିରେ ଖର୍ଚ୍ଚ କରୁଛନ୍ତି।

### ଲିକେଜ୍ ପାଣିରେ ବଞ୍ଚିଛି ଇନ୍ଦ୍ରାବତୀ

# ମରୁଭୂମିରେ ପରିଣତ ହେବ ଚିରସ୍ରୋତା ନଦୀ



**ନବରଙ୍ଗପୁର :** ଚିରସ୍ରୋତା ଇନ୍ଦ୍ରାବତୀ ନଦୀକୁ ବଞ୍ଚାଇ ରଖିଛି ଜଳଭଣ୍ଡାରର ଲିକେଜ୍ ପାଣି। ବର୍ଷା ଦିନକୁ ଛାଡ଼ିଲେ ଅନ୍ୟ ଦିନରେ ଡ୍ୟାମ୍ ପାଣି ନଦୀରେ ପ୍ରବାହିତ ହେଉନି। ଅକ୍ଟୋବରରୁ ଜୁନ୍ ପର୍ଯ୍ୟନ୍ତ ବର୍ଷା ପରିମାଣ ଜିଲ୍ଲାରେ ନୈରାଶ୍ୟଜନକ ରହୁଛି। ଫଳରେ ଜଳଭଣ୍ଡାର ସ୍ଲୁଇସ୍ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୫.୧୫ ଘନ ମିଟର ପାଣି ଲିକେଜ୍ ହୋଇ ଇନ୍ଦ୍ରାବତୀ ନଦୀରେ ପ୍ରବାହିତ ହେଉଛି।

ଇନ୍ଦ୍ରାବତୀ ନଦୀ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ମର୍ଦ୍ଦିଗୁଡ଼ା ଅଞ୍ଚଳର ମୁଣ୍ଡିଆ ପାହାଡ଼ରୁ ବାହାରିଛି। ପୂର୍ବରୁ ଇନ୍ଦ୍ରାବତୀ ନଦୀରେ କପୂର, ପୋଡାଗଡ଼ ଓ ମୁରାନ ନଦୀ ମିଶ୍ରଣ ହୋଇ ପ୍ରବାହିତ ହେଉଥିଲା। ଏକଦା ଇନ୍ଦ୍ରାବତୀ ଜଳ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, ନବରଙ୍ଗପୁର ଓ କୋଷାଗୁମୁଡ଼ା ବ୍ଲକ ସମେତ ସୀମାନ୍ତ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଓ କୋଟପାଡ଼ ବ୍ଲକର ନଦୀ ତଟ ଗାଁ ଗୁଡ଼ିକୁ ଜୀବିକା ଯୋଗାଉଥିଲା। ଚାଷୀ ବର୍ଷକୁ ଦୁଇ ଥର ଫସଲ କରି ଲାଭ ପାଉଥିଲେ। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ନଦୀରେ ୩ ରୁ ୪ ଥର ବନ୍ୟା ଆସୁଥିଲା। ୪ ମାସ ପର୍ଯ୍ୟନ୍ତ ନଦୀର ଦୁଇ କୂଳକୁ ଲାଗି ପାଣି ପ୍ରବାହିତ ହେଉଥିଲା। ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, ନବରଙ୍ଗପୁର ଓ କୋଷାଗୁମୁଡ଼ା ବ୍ଲକର ବିଭିନ୍ନ ଗ୍ରାମ ଦେଇ ପ୍ରାୟ ୭୦ କିମି ପ୍ରବାହିତ ହେବା ପରେ ଇନ୍ଦ୍ରାବତୀ କୋଷାଗୁମୁଡ଼ା ବ୍ଲକର ଉକିଆପାଲ୍ଲି ପଞ୍ଚାୟତର ଘାଟବାସୁଲିରେ ଭାସ୍କେଲ ନଦୀରେ ମିଶିଛି। ସେଠାରୁ ଛତିଶଗଡ଼କୁ ପ୍ରବାହିତ ହୋଇଛି। ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ୧୯୭୯ରୁ ଆରମ୍ଭ ହୋଇ ୧୯୯୬ରେ ସରିଥିଲା।

ପ୍ରକଳ୍ପ ନିର୍ମାଣ ସମୟରେ ଇନ୍ଦ୍ରାବତୀ ନଦୀକୁ ବନ୍ଦ କରାଯାଇନଥିଲା। ୨୦୦୧ ମସିହାରେ ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପରେ ଜଳଭଣ୍ଡାରରୁ ଇନ୍ଦ୍ରାବତୀ ନଦୀକୁ ପାଣି ଛାଡ଼ିବା ବନ୍ଦ କରାଯାଇଥିଲା। ଫଳରେ ଚିରସ୍ରୋତା ଇନ୍ଦ୍ରାବତୀ ଜଳସ୍ତର କମିବା ଆରମ୍ଭ ହେଲା। ଏବେ ବର୍ଷା ଦିନକୁ ଛାଡ଼ିଲେ ଅନ୍ୟ କୌଣସି ଦିନ ନଦୀ ଜଳ ଦୁଇ କୂଳକୁ ଲାଗି ପ୍ରବାହିତ ହେଉନି। ସାଧାରଣତଃ ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକରେ ବର୍ଷା ହେଲେ ଇନ୍ଦ୍ରାବତୀ ନଦୀ ଫୁଲି ଉଠି ବନ୍ୟା ସୃଷ୍ଟି ହୋଇଥାଏ। କିନ୍ତୁ ଗତ ୨ ବର୍ଷ ହେଲା ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ନିଅଣ୍ଟିଆ ବର୍ଷା ଯୋଗୁଁ ଇନ୍ଦ୍ରାବତୀ ନଦୀ ଶୁଖିଲା ପଡ଼ିବା ସହିତ ଏହାର ପ୍ରଭାବ ଚାଷ ଉପରେ ପଡ଼ିଛି। ନଦୀରେ ପାଣି ଅଭାବରୁ ନଈକୂଳରେ ନିର୍ମାଣ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପ ଜମିକୁ ପାଣି ମାଡ଼ିବାରେ ସକ୍ଷମ ହୋଇପାରୁନି। ଜିଲ୍ଲାର ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ନିର୍ମାଣ ଚାଲିଥିବା ବୃହତ୍ ପ୍ରକଳ୍ପ ଲାଗି ନବରଙ୍ଗପୁର ସହର ନିକଟରେ ଏକ ଛୋଟିଆ ଆଡ଼ିବନ୍ଧ ନିର୍ମାଣ କରାଯାଇଛି। କିନ୍ତୁ ନଦୀର ଉପରମୁଣ୍ଡରେ ବ୍ୟାରେଜ୍ ନିର୍ମାଣ ହୋଇପାରୁନି। ଯାହା ଫଳରେ ନଦୀ ପାଣି ଛତିଶଗଡ଼କୁ ବୋହିଯାଉଛି।

# ୮୩ ବର୍ଷୀୟ ବୃଦ୍ଧାଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

**ଘୁ.ଉଦୟଗିରି :** ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ସମସ୍ତ ବୃଦ୍ଧ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ଟଙ୍କା ପ୍ରଦାନ ଲାଗି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ପ୍ରଦାନ କରାଗଲାଣି। କିନ୍ତୁ ବୟସ ହୋଇଯିବା ପରେ ବି ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଉପର ସାହି ଚାରି ନମ୍ବର ୱାର୍ଡ଼ର ସ୍ୱର୍ଗତ ଖଗେଶ୍ୱର ମଲ୍ଲିକଙ୍କ ସ୍ତ୍ରୀ ବିଲାଡ଼ି ମଲ୍ଲିକ।

ବୟସ ୮୩ ବର୍ଷ ହୋଇଥିଲେ ମଧ୍ୟ ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରାଯାଉନଥିବା ସେ ଅଭିଯୋଗ କରିଛନ୍ତି। ଭତ୍ତା ବୃଦ୍ଧି ଲାଗି ବିଲାଡ଼ି ମଲ୍ଲିକ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କୁ ଭେଟି ଗୁହାରି କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀମାନେ ତାଙ୍କ ଗୁହାରିକୁ କର୍ଣ୍ଣପାତ କରୁନଥିବା ସେ କୋହଭରା କଣ୍ଠରେ କହିଛନ୍ତି। ବୃଦ୍ଧା ଜଣକ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ଔଷଧ କିଣିବା ପାଇଁ ପାଖରେ ଅର୍ଥ ନଥିବାରୁ ରୋଗଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବିଲାଡ଼ି ମଲ୍ଲିକଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ବନ କର୍ମଚାରୀଙ୍କ ଉପରକୁ ଗୁଳି, ୪ ଶିକାରୀ ଗିରଫ

**କପ୍ତିପଦା :** ଚଢ଼ଉ ବେଳେ ବନ କର୍ମଚାରୀଙ୍କ ଉପରକୁ ଗୁଳିମାଡ଼ କରିଛନ୍ତି ଶିକାରୀ। ହେଲେ ବନ କର୍ମଚାରୀମାନେ ନିଜକୁ ସୁରକ୍ଷିତ ରଖିବା ସହ କୈାଶଳକ୍ରମେ ୪ ଜଣ ଶିକାରୀଙ୍କୁ ମାଡ଼ି ବସିଛନ୍ତି। ସେମାନଙ୍କ ପାଖରୁ ଗୋଟିଏ ବନ୍ଧୁକ ଜବତ ହୋଇଛି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବନାଞ୍ଚଳରେ ଘଟିଛି ଏହି ଘଟଣା। ସୂଚନା ଅନୁଯାୟୀ; ଘଟଣା ରାତିରେ କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତ ଅଶ୍ୱକୁଟୀ ଜଙ୍ଗଲକୁ ଶିକାର ପାଇଁ ବନ୍ଧୁକ ଧରି ପଶିଥିଲେ ୬ଜଣ ଶିକାରୀ। ସେମାନେ ସକାଳେ ଫେରୁଥିବା ବେଳେ ଜଙ୍ଗଲରେ ଲାଗିଥିବା ଟ୍ରାପ୍ କ୍ୟାମେରାରେ ସେମାନଙ୍କ ଗତିବିଧି ସମ୍ପର୍କରେ ଜାଣି ପାରିଥିଲେ ବନ କର୍ମଚାରୀ। ସେମାନଙ୍କୁ କାବୁ କରିବାକୁ ତୁରନ୍ତ ଯୋଜନା ହୋଇଥିଲା।



କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସଙ୍କ ନେତୃତ୍ୱରେ କଟୁରିଆ ଓ ହରିଡ଼ାଚୁଆ ବିଟ୍ ଏବଂ ପୋଡ଼ାଡ଼ିହା ଏସ୍‌ଟିଆର୍ କର୍ମଚାରୀମାନେ ଶିକାରୀମାନଙ୍କୁ ଚାରିପଟୁ ଘେରି ଯାଇଥିଲେ। ଖସିବାର ବାଟ ନଥିବାରୁ ବନ କର୍ମଚାରୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ ଶିକାରୀ। ହେଲେ ବନ କର୍ମଚାରୀମାନେ କୌଶଳକ୍ରମେ ୪ ଜଣ ଶିକାରୀଙ୍କୁ ମାଡ଼ି ବସିଥିଲେ। ସେମାନଙ୍କ ପାଖରୁ ଗୋଟିଏ ବନ୍ଧୁକ ଜବତ ହୋଇଛି। ୨ ଜଣ ଶିକାରୀ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଅଭିଯୁକ୍ତମାନେ ଜଙ୍ଗଲରେ ଏକାଧିକ ବନ୍ଧୁକ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି। ତେଣୁ ଜଙ୍ଗଲରେ ପାଟ୍ରୋଲିଂ କଡ଼ାକଡ଼ା କରାଯାଇଛି ବୋଲି କପ୍ତିପଦା ରେଞ୍ଜର ଅଚ୍ୟୁତାନନ୍ଦ ଦାସ କହିଛନ୍ତି।

### କାମରେ ଆସୁନି ୧୮ କୋଟିର 'ଭୂପେନ ହଜାରିକା'

# ୫ ବର୍ଷ ହେଲା ବନ୍ଧା ହୋଇ ପଡ଼ିଛି ଭେସେଲ୍

**ଭଦ୍ରକ :** ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟରେ ଜଳପଥରେ ଯାତାୟାତ ପାଇଁ ୧୮ କୋଟି ଟଙ୍କା ବ୍ୟୟରେ ୨୦୨୦ ମସିହାରେ ଆସିଥିବା 'ଭୂପେନ ହଜାରିକା' ଭେସେଲ୍ (ଜଳଯାନ) ଏଯାଏଁ କାମରେ ଲାଗି ପାରୁନି। ଏହାମଧ୍ୟରେ ପାଖାପାଖି ୫ ବର୍ଷ ବିତିଗଲାଣି, ଏହା ଚାଲିବ ନା ଫେରିଯିବ, ଏହି ଉତ୍ତର କାହା ପାଖରେ ନାହିଁ। ଫଳରେ ଭଦ୍ରକ ଓ କେନ୍ଦ୍ରାପଡ଼ା ମଧ୍ୟରେ ଜଳପଥରେ ଯାତାୟାତ ଆଶା ଫସର ଫାଟିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ତେଜୁଛି।

ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା ଧାମରା ଚନ୍ଦିନୀପାଳରୁ କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆକୁ ଜଳପଥରେ ଯୋଡ଼ିବା ପାଇଁ ୨୦୨୦ ମସିହାରେ ଏକ ଭେସେଲ୍‌ଟି ଆସିଥିଲା। ଧାମରାରେ ପହଞ୍ଚିବା ପରେ ନାଁ ରଖାଯାଇଥିଲା 'ଭୂପେନ ହଜାରିକା'। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଧାମରା-ଚାନ୍ଦବାଲି ଜଳ ପରିବହନ ସଂସ୍ଥା ହାତରେ ଅର୍ପଣ କରାଯାଇଥିଲା। ଏହି ଭେସେଲ୍‌ର ଓଜନ ୨୦୦ ଟନ୍ ହୋଇଥିବା ବେଳେ ଲମ୍ବ ୪୬ ମିଟର ରହିଛି। ଏଥିରେ ଏକକାଳୀନ ୪୦ଟି ମୋଟର ସାଇକଲ୍, ୩ଟି କାର୍ ସମେତ ୪୦ରୁ ୫୦ ଜଣ ଲୋକ ଜଳପଥ ପାରି ହୋଇପାରିବେ। ହେଲେ ୧୮ କୋଟି ୮୩ ଲକ୍ଷ ଟଙ୍କାର ଏହି ଭେସେଲ୍ ପାଣିରେ ବନ୍ଧା ହୋଇ ରହିଛି।



ତଥ୍ୟ ଅନୁଯାୟୀ, ଭେସେଲ୍ ଯାତ୍ରା କରିବାର ସ୍ଥାନ ଚାନ୍ଦିନୀପାଳରେ ଜଳ ସ୍ଥିର ରହୁନି। ଜଳର ବେଗ ଅଧିକ ରହୁଥିବାରୁ ସେଠାରେ ଭେସେଲ୍ ରଖିବା ସମ୍ଭବ ହେଉନି। ଯଦି ଭେସେଲ୍ ସ୍ଥିର ହୋଇ ଛିଡ଼ା ହୋଇପାରୁନି, ତାହାହେଲେ ବାଇକ୍, କାର୍ ଓ ଲୋକମାନେ ଭେସେଲ୍‌କୁ କେମିତି ଚଢ଼ିବେ? ସୁରକ୍ଷା ଦୃଷ୍ଟିରୁ ସେଠାରୁ ଭେସେଲ୍ ଚଳାଚଳ କରିପାରୁ ନଥିବା କୁହାଯାଉଛି। ଚାଲିବା ସମ୍ଭବ ନ ହେବାରୁ ଚାନ୍ଦବାଲି ଜଳପଥ ଅରଣ୍ୟ ନିବାସ ବୈତରଣୀ ଘାଟରେ ଭେସେଲ୍‌ଟି ରହିଛି। ଅନ୍ୟପଟେ ଉକ୍ତ ଜଳଯାନଟିକୁ ଫେରାଇ ନେବାକୁ ୪ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଧାମରା-ଚାନ୍ଦବାଲି ଜଳ ପରିବହନ ସଂସ୍ଥା ୧୦ରୁ ଅଧିକ ଥର ଚିଠି ଲେଖିଲେଣି। କିନ୍ତୁ କୌଣସି ଉତ୍ତର ମିଳୁନି। ସେପଟେ ଭେସେଲ୍ ଚଳାଇବା ଦାୟିତ୍ୱରେ ଥିବା ୯ଜଣ କର୍ମଚାରୀଙ୍କୁ ସଂସ୍ଥା ବିଦା କରିସାରିଛି। ଗୋଟିଏ ପଟରେ ଚାନ୍ଦବାଲି ଯାତ୍ରୀବାହୀ ଲଞ୍ଚ ପାଇଁ କର୍ମଚାରୀ ଅଭାବ ବେଳେ ଏବେ 'ଭୂପେନ ହଜାରିକା'କୁ ରକ୍ଷଣାବେକ୍ଷଣ କରିବାକୁ କେହି ନାହାନ୍ତି। ନଦୀ କୂଳରେ ବିଶାଳକାୟ ଭେସେଲ୍‌କୁ ବନ୍ଧା ଯାଇଥିବାରୁ ରଙ୍ଗ ଛାଡ଼ିଯିବା ସହ ଯାନ୍ତ୍ରିକ ତ୍ରୁଟି ଦେଖାଦେଲାଣି। ଭେସେଲ୍‌ଟି ନଷ୍ଟ ହେବାକୁ ବସିଥିବାରୁ ଅଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି।

ସୂଚନାଯୋଗ୍ୟ, ସାଗରମାଳା ଯୋଜନାରେ ଏହି ଭେସେଲ ନିର୍ମାଣ ହୋଇ ଆସାମର ବ୍ରହ୍ମପୁତ୍ର ନଦୀରେ ଚାଲିବା ପାଇଁ ଧାର୍ଯ୍ୟ ହୋଇଥିଲା। ବ୍ରହ୍ମପୁତ୍ର ନଦୀର ଜୁଆର ଓ ଭଟ୍ଟାକୁ ସମ୍ମୁଖୀନ ହେବାଭଳି ଏହି ଭେସେଲ୍ ନିର୍ମାଣ କରାଯାଇଥିଲା। ତେବେ ସେଠାରେ ଅଧିକ ୨ଟି ଭେସେଲ୍ ନିର୍ମାଣ ହୋଇଥିବାରୁ ସେଥିରୁ ଗୋଟିଏ ପଶ୍ଚିମବଙ୍ଗ ବାବୁଘାଟକୁ ପଠାଇ ଦିଆଯାଇଥିଲା। ଅନ୍ୟଟିକୁ ଧାମରା ପଠାଯାଇଥିଲା। ୯ ଜଣ କର୍ମଚାରୀ ଏହି ଭେସେଲ୍‌କୁ ସାଙ୍ଗରେ ଧରି ୨୦୨୦ ନଭେମ୍ବରରେ କଲିକତା ବାବୁଘାଟରୁ ସମୁଦ୍ର ପଥରେ ଆସି ଧାମରାରେ ପହଞ୍ଚିଥିଲେ।

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA

# ସ୍ନାନ ବେଦୀରୁ ଦର୍ଶନ ଦେଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ପଟି ଦିଅଁ ବେଶରେ ପୂଜା

**ପୁରୀ:** ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି ଚତୁର୍ଦ୍ଧାବିଗ୍ରହ । ମଙ୍ଗଳବାର ଠାରୁ ମହାପ୍ରଭୁଙ୍କ ଅଣସରର ଗୁପ୍ତନୀତି ଆରମ୍ଭ ହୋଇଛି ।ମହାପ୍ରଭୁଙ୍କଶ୍ରୀ ଅଙ୍ଗ ସେବକ ଦଇତାପତିମାନେ ଅନ୍ଧାରୀ କୋଠରୀ ଭିତରେ ଶ୍ରୀବିଗ୍ରହ ମାନଙ୍କ ଗୁପ୍ତ ସେବା ଆରମ୍ଭ କରିଛନ୍ତି। ଅପରପକ୍ଷରେ ଦଶାବତାର ଠାକୁରଙ୍କ ସହ ପଟି ଦିଅଁଙ୍କ ପୂଜା ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି। ଶ୍ରୀବିଗ୍ରହ ମାନେ ୧୦୮ ଗରାଜଳରେ ସ୍ନାନ କରିବା ଭକ୍ତଙ୍କୁ ହାତୀ ବେଶରେ ଦର୍ଶନ ଦେବା ପରେ ସୋମବାର ରାତି ୧୦ ଟା୧୫ରେ ହାତୀବେଶ ମଇଲମ ହୋଇ ୧୧ ଟା ୨୦ ରେ ପୁଷ୍ପାଞ୍ଜଳି ଓ ଡୋରଲାଗି ହୋଇଥିଲା । ପରେ ୧୧ ଟା ୩୦ରେ ପହଣ୍ଡୀ ଆରମ୍ଭ ହୋଇଥିଲା । ଠାକୁର ମାନେ ଗୋଟି ପହଣ୍ଡୀରେ ଅଣସର ପିଣ୍ଡୀଙ୍କୁ ବିଜେ କରିଥିଲେ। ପ୍ରଥମେ ମଦନମୋହନ ଏବଂ ରାମକୃର୍ଷ୍ଣଙ୍କ ପହଣ୍ଡୀ ଆରମ୍ଭ ହୋଇଥିଲା । ପରେ କ୍ରମ ଅନୁସାରେ ସୁର୍ଦଶନ, ବଡ ଠାକୁର ବଳଭଦ୍ର , ମା ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଗୋଟି ପହଣ୍ଡୀରେ ବୀଜେ କରିଥିଲେ। ରାତି ପ୍ରାୟ ୩ଟା ରେ ମିନିଟ୍ ?ରେ ପହଣ୍ଡୀ ଶେଷ ହୋଇଥିଲା। ପରେ ଶ୍ରୀମନ୍ଦିରକୁ ଶୋଧ କରାଯାଇଥିଲା। ରାତ୍ର ୩ ଟା ୫୦। ସମୟରେ ରାହୁ ରେଖା ମଇଲମ କରାଯାଇଥିଲା । ରାହୁ ରେଖା ମଇଲମ ପରେ କୋଠ ସୁଆଁସିଆ ମାନେ ଦଶ ଅବତାର ତାଟି ବାନ୍ଧିବା ପାଇଁ ପ୍ରବେଶ କରିଥିଲେ ୪ ଟା ୨୦ରେ । ଅପରପକ୍ଷରେ ଶ୍ରୀମନ୍ଦିରରୁ ଘଣ୍ଟ , ଓଲାର , ବୈଜୟନ୍ତି ବାଜା କାହାଳୀ ଏବଂ ଲେଙ୍କା ସେବାୟତ ପଟିଦିଅଁ ଆଣିବା ପାଇଁ ଚିତ୍ରକାର ସେବକଙ୍କ ଘରକୁ ଯାଇଥିଲେ। ସକାଳ ୬ ଟା ପଟିଦିଅଁ ଶ୍ରୀମନ୍ଦିରକୁ ବୀଜେ କରିଥିଲେ। ପରେ କୋଠ ସୁଆଁସିଆ ମାନେ ତାଟି ବାନ୍ଧି ସକାଳ ୭ଟା୫୦ରେ ବାହାରିଥିଲେ । ପରେ ପଟି ଠାକୁରଙ୍କ ରୁନ୍ଧା କାର୍ଯ୍ୟ ୮ଟାର



ଶେଷ ହୋଇଥିଲା । ଶ୍ରୀ ଜଗନ୍ନାଥଙ୍କ ଅନନ୍ତ ନାରାୟଣ ରୂପରେ ଶ୍ରୀ ବଳଭଦ୍ରଙ୍କ ଅନନ୍ତ ବାସୁଦେବ ରୂପରେ ଏବଂ ଦେବୀ ସୁଭଦ୍ରା ମା ଭୁବନେଶ୍ୱରୀ ରୁପରେ ପଟିଦିଅଁ ଭାବେ ଅଣସର ସମୟରେ ପୂଜିତ ହେବେ । ତେବେ ଦଶ ଅବତାର ବୀଜେ ପରେ ମହାସ୍ନାନ ନୀତି ବଢିଥିଲା ।ପରେ ମଙ୍ଗଳଆଳତୀ , ମଇଲମ , ଅବକାଶ, ହୋଇ ଅନ୍ୟାନ୍ୟ ନୀତି ବଢିଥିଲା । ଶ୍ରଦ୍ଧାଳୁ ମାନେ ଶ୍ରୀମନ୍ଦିରରେ ପଟିଦିଅଁକୁ ଦର୍ଶନ କରିଥିଲେ। ଅପରପଟେ ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନ ଅନନ୍ତ ନାରାୟଣ ଭାବରେ ପଟିରେ ସ୍ଥାନିତ ହୋଇଛନ୍ତି। ପଟି ଦିଅଁଙ୍କ ନିକଟରେ ଲାଗିହୋଇଛି ମହାପ୍ରସାଦ । ଦଇତାତିମାନେ ଜ୍ୱରାକ୍ରାନ୍ତ ମହାପ୍ରଭୁଙ୍କୁ ଗୁପ୍ତ ଉପଚାର ଓ ଗୁପ୍ତ ସେବା କରୁଛନ୍ତି। ଏହି ଅଣସର ସମୟରେ ଶ୍ରୀବିଗ୍ରହମାନେ ଶ୍ୱେତବସ୍ତ୍ର ପରିଧାନ କରିବାର ବିଧି ରହିଥିବା ବେଳେ ତୁଳସୀ ମଧ୍ୟ ଲାଗି କରାଯାଇ ନଥାଏ। ମହାପ୍ରଭୁଙ୍କୁ କେବଳ ଧଳା ଫୁଲ ଲାଗି କରାଯାଇଥାଏ ।ଅଣସର ପିଣ୍ଡିରେ ଗୋଟିଏ ଦୀପକୁ ଛାଡିଦେଲେ ଘନ ଅନ୍ଧକାର ମଧ୍ୟରେ ଚାଲୁରହିଛି ମହାପ୍ରଭୁଙ୍କ ଗୁପ୍ତ ନୀତି ।ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିସିଦ୍ଧାଞ୍ଚଳ କରାଯାଇଛି ।ଦୈନନ୍ଦିନ ଭଜନ, କୀର୍ତ୍ତନ, ଗୀତ, ଘଣ୍ଟ ଘଣ୍ଟା , କାହାଳୀ, ବାଜା ସବୁକୁ ଶ୍ରୀମନ୍ଦିରରେ ନିଷିଦ୍ଧ କରାଯାଇଛି। ଅଣସର ଘରେ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇବାରୁ ବଂଚିତ ହୋଇଥାନ୍ତି ଭକ୍ତ ଓ ସେବାୟତ। କେବଳ ପଟିଦିଅଁଙ୍କୁ ଦର୍ଶନ କରି ସେମାନେ ଆତ୍ମତୃପ୍ତି ଲାଭ କରୁଛନ୍ତି । ଅନ୍ୟପଟେ ଅଣସର ସମୟରେ ମହାପ୍ରଭୁଙ୍କ ଠାରେ ପଣା ଓ ଚକଟା ଭୋଗ ଲାଗି କରାଯାଉଥିବା ବେଳେ ପଟିଦିଅଁଙ୍କୁ ଅର୍ନ୍ନ ମହାପ୍ରସାଦ ଭୋଗ କରାଯାଉଛି।





ମହାପ୍ରଭୁଙ୍କ ସ୍ନାନ ଯାତ୍ରା

## ହାତୀବେଶରେ ଦର୍ଶନ ଦେଲେ ଦାରୁଦିଅଁ: ଲକ୍ଷାଧିକ ଭକ୍ତଙ୍କ ସମାଗମ

**ପୁରୀ:** ପବିତ୍ର ସ୍ନାନଯାତ୍ରା ସହ ରଥଯାତ୍ରାର ଆଦ୍ୟପର୍ବ ଆରମ୍ଭ ହୋଇଛି। ସ୍ନାନପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ସ୍ନାନମଣ୍ଡପରେ ଦାରୁଦିଅଁଙ୍କ ସ୍ନାନଯାତ୍ରା ନୀତି ସମ୍ପନ୍ନ ହୋଇଛି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହିତ ଚକ୍ରରାଜ ସୁଦର୍ଶନ ସ୍ନାନମଣ୍ଡପରେ ପାରମ୍ପରିକ ରୀତିରେ ଅଭିମନ୍ତ୍ରିତ ୧୦୮ ଗରା ଜଳରେ ଦିବ୍ୟସ୍ନାନ କରିଛନ୍ତି। ଏହାପରେ ମହାପ୍ରଭୁ ଦୁର୍ଲଭ ଗଜାନନ ବା ହାତୀବେଶରେ ଦର୍ଶନ ଦେଇଛନ୍ତି ଓ ଏଥିଯୋଗୁ ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟିହୋଇଛି ଓ ବଡ଼ଦାଣ୍ଡରେ ସମାଗମ ହୋଇଥିବା ଲକ୍ଷାଧିକ ଭକ୍ତ ବିଶ୍ୱନିୟନ୍ତାଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିବାବେଳେ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ମୁଖରିତ ହୋଇଉଠିଥିଲା। ସ୍ନାନପୂର୍ଣ୍ଣିମା ଅବସରରେ ରତ୍ନବେଦି ଛାଡ଼ି ସ୍ନାନମଣ୍ଡପକୁ ଓହ୍ଲାଇ ଆସିଛନ୍ତି ଦାରୁବିଗ୍ରହ। ମଙ୍ଗଳାର୍ପଣ, ୫ଟା ୧୦ରେ ଡୋରଲାଗି, ପୁଷ୍ପାଞ୍ଜଳି ହୋଇ ୫ଟା ୧୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ବଡ଼ଠା ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ସ୍ନାନମଣ୍ଡ ନମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ପ ପହଣ୍ଡି ସକାଳ ୭ଟା ୨୫ରେ ଶେଷ ହୋଇଥିଲା। ୭ଟା ୪୦ରେ ମଦନମୋହନ ସ୍ନାନମଣ୍ଡପକୁ ବିଜେ କରିଥିଲେ। ମଙ୍ଗଳ ଆଳତି ୮ଟା ୧୦, ମଇଲମ ୮ଟା ୧୫, ତଡ଼ପଲାଗି ୮ଟା ୩୫, ଅଧରପୋଛା ୮ଟା ୫୦, ଅବକାଶ ଶେଷ ରଷ ୯ଟା , ମଇଲମ ୯ଟା ୨୦ରେ ହେ ହୋଇ ୧୦ଟାରେ ବଶ ଶେଷ ହୋଇଥିଲା। ସୂର୍ଯ୍ୟ ପୂଜା ୧୦ଟା ୦୫ହୋଇଥିଲା। ଦ୍ୱାରପାଳ ୧୦ ଟା ୪୦ ରେ ସମ୍ପର୍ନ୍ନ ହୋଇଥିଲା । ୧୧ଟା ରେ ଜଳ ଛେକ ଆସିଥିଲା ଓ ଜଳ ଛେକ ପୂଜା ୧୨ଟାରୁ ଆରମ୍ଭ ହୋଇ ୧୨ଟା ୪୦ରେ ଶେଷ ହୋଇଥୁଲ । ପରେ ଅନ୍ୟାନ୍ୟ ନୀତି ଶେଷ ହୋଇ ଶ୍ରୀବିଗ୍ରହଙ୍କ ସ୍ନାନ ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥଙ୍କୁ ୩୫, ଶ୍ରୀବଳଭଦ୍ରଙ୍କୁ ୩୩, ଦେବୀ ସୁଭଦ୍ରାଙ୍କୁ ୨୨ ଏବଂ ସୁଦର୍ଶନଙ୍କୁ ୧୮ ଗରା ଜଳରେ ସ୍ନାନ କରାଯାଇଥିଲା। ସ୍ନାନନୀତି ସରିବା ପରେ ଅପରାହ୍ନ ୩ଟା ୩୫ରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ। ଏହାପରେ ମହାପ୍ରଭୁଙ୍କୁ ହାତୀବେଶରେ ସୁସଜ୍ଜିତ କରାଯାଇଥିଲା। ହାତୀବେଶ ଅପରାହ୍ନ ୪ଟାରୁଆରମ୍ଭହୋଇ ୪ ୪ଟା ୪୦ରେ ସମ୍ପୂର୍ଣ୍ଣ ହୋଇଥିଲା। ପରେ ଧୂପ ଭୋଗ ହୋଇଥୁଲ ରଥିଲା। ଏହି ସମୟରେ ରେ ବଡ଼ଦାଣ୍ଡରେ କିଏ ହନୁମାନ ବେଶରେ ତ ଆ ତ ଆଉ କିଏ ଓଡ଼ିଶୀ ପୂଜା ୧୦ଟା ୪୦ରେ ସମ୍ପନ୍ନ ହୋଇଥିଲା। କରି ଭ ଭକ୍ତିଭାବରେ ତଲ୍ଲୀନ ତଲ୍ଲୀନ ହୋଇପଡୁଥିବା ଦେଖୁବାକୁ ମିଳିଥିଲା। ଶ୍ରୀବିଗ୍ରହମାନେ ନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତଙ୍କୁ ସ୍ନାନବେଦିରେ ଦର୍ଶନ ଦେବା ପରେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ଅନ୍ୟପକ୍ଷରେ ମଙ୍ଗଳବାରଠାରୁ ୧୫ ଦିନ ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହେବେ। ଏହି ସମୟରେ ଭକ୍ତମାନେ ଦାରୁବିଗ୍ରହଙ୍କ ପର୍ଟିଦିଅଁ ଦର୍ଶନ କରିବେ ।

# ପୁରୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ପୁରୀ: ଆସନ୍ତା ୨୯ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁଙ୍କ ସ୍ନାନଯାତ୍ରରେ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗଂମ ହେବାର ସମ୍ଭାବନା ରହଥିଲା। ତେଣୁ ଭକ୍ତଙ୍କ ଶୃଙ୍ଖଳିତ ଯାତାୟତ , ଟ୍ରାଫିକ , ଦର୍ଶନ ଉପରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରୀମନ୍ଦିର ଭିତର ଓ ବାହାରେ ବ୍ୟାପକ ପୋଲିସ ମୁତୟନ ରହିବେ। ଟ୍ରାଫିକ ନିୟନ୍ତ୍ରଣ , ଭିଡ ନିୟମନ୍ତ୍ରଣ ,ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ସ୍ନାନପୂର୍ଣ୍ଣିମାରେ ପୋଲିସ ପକ୍ଷରୁ କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ଭୁବନେଶ୍ୱର ପାର୍ଶ୍ୱରୁ , ବ୍ରହ୍ମଗିରି ପାର୍ଶ୍ୱରୁ କିମ୍ବା କୋଣାର୍କ ପାର୍ଶ୍ୱରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଦୁଇ ଚକିଆ ଯାନରେ ଆସୁଥିବା ଭକ୍ତ ମାନଙ୍କୁ ମାର୍କେଟ ଛକ ପର୍ଯ୍ୟନ୍ତ ଗାଡି ଆଣିବା ନେଇ ଅନୁମତି ପ୍ରଦାନ କରାଯାଇଥିଲା। ସେମାନେ ସେମାନଙ୍କ ଯାନ ଗୁଡ଼ିକୁ ମ୍ୟୁନିସିପାଲଟି ମାର୍କେଟ କମ୍ପ୍ଲେକ୍ସରେ ରଖିବେ । ମ୍ୟୁନିସିପାଲଟି ମାର୍କେଟ କମ୍ପ୍ଲେକ୍ସ ପୂର୍ଣ ହୋଇଯିବା ପରେ ଦୁଇ ଚକିଆ ଯାନଗୁଡ଼ିକ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରି କରିବା ବ୍ୟବସ୍ଥା ରହିଥିଲା। ଫେରିବା ସମୟରେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିଥିବା ଯାନ ନରେନ୍ଦ୍ରକୋଣ ଏବଂ ଜଟିଆ ବାବାଜୀ ଛକ ଦେଇ ଫେରି, ମ୍ୟୁନିସିପାଲଟି ମାର୍କେଟ କମ୍ପ୍ଲେକ୍ସରେ ପାର୍କିଂ କରିଥିବା ଯାନଗୁଡିକ ମେଡିକାଲ



## ଟ୍ରାଫିକ କଟକଣା ନେଇ ନେଇ ସ୍ୱତନ୍ତ୍ର ପଦକ୍ଷେପ

ଛକ ଦେଇ ଫେରିବେ । ସମୁଦ୍ରକୂଳକୁ ଆସୁଥିବା ଶ୍ରଦ୍ଧାଳୁ ନିଜ ଦୁଇ ଚକିଆ ଯାନଗୁଡ଼ିକ ଭି.ଆଇ.ପି. ରୋଡ ଦେଇ ଦିଗବାରେଣି ଠାରେ ପାର୍କିଂ କରିବାକୁ ଅନୁମତି ପ୍ରଦାନ କରାଯାଇଥିଲା । ଫେରିବା ସମୟରେ ସେହି ରାସ୍ତା ଦେଇ ଫେରିଥିଲେ । ଯେଉଁ ଭକ୍ତମାନେ ପ୍ରଥମେ ଆସିଥିଲେ । ତାଙ୍କୁ ପ୍ରଥମେ ଅଗ୍ରାଧିକାର ଦିଆଯିବାର ସ୍ୱତନ୍ତ୍ର ବ୍ୟବସ୍ଥ ପ୍ରଦାନ କରାଯାଇଛି। ସେହିପରି ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଚାରିଚକିଆ ଗାଡି ନେଇ ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଯାନଗୁଡିକ ସାକ୍ଷୀଗୋପାଳ, ମାଳାତିପାଟପୁର, ବାଟଗାଁ ଏବଂ ଶ୍ରୀସେତୁ ଦେଇ ନୂଆ ଜେବିପିସି ପାର୍କିଂରେ ରଖିଥିଲେ । ସେଠାରେ ପାର୍କିଂ ପୂର୍ଣ୍ଣ ହେବା ପରେ ଜେଲ୍ ରୋଡ ଠାରେ ଥିବା ପାର୍କିଂରେ ପାର୍କ କରିବେ ଏହି ପାର୍କିଙ୍ଗ ପୂର୍ଣ ହେବା ପରେ ମେଡିକାଲ ଛକ ଓ ବଡ଼ଶଙ୍ଖ ଦେଇ ଶରଧାବାଲି ନିକଟରେ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରିଥିଲେ । ଶରଧାବାଲି ପାର୍କିଂ ପୂର୍ଣ ହେବା ପରେ ମେଡିକାଲ୍ ଛକ ଭିଆଇପି ରୋଡ ଦେଇ ବ୍ଲୁ ଫ୍ଲାଗ ବିଚ୍ ପାର୍କି ଓ ହୋଟେଲ୍ ନୀଳାଚଳ ଅଶୋକ ପାର୍କିଂରେ ପାର୍କ କରିଥିଲେ ।ଏହି ସମସ୍ତ ପାର୍କିଂ ପୂର୍ଣ ହେବା ପରେ ମାଳତିପାଟପୁର, ଆଓବି, ବାଇଦାସନଗର, ଗ୍ରିଡ୍ ଷ୍ଟେସନ୍, ଭୂଦାନ ଦେଇ ତାଳବଣିଆ ପାର୍କିଂରେ ପାର୍କ କରିବେ। ଫେରିଲା ବେଳେ ସେହି ସମାନ ରାସ୍ତା ଦେଇ ଫେରିଥିଲେ। ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ହାଲୁକା ଯାନ, ଶ୍ରୀସେତୁ ଦେଇ ନୂଆ ଜେବିପିସି ଠାରେ ପାର୍କିଂ କରିଥିଲେ। ଏହି ପାର୍କିଂ ପୂର୍ଣ ହେବା ପରେ ମଙ୍ଗଳା ଘାଟ ଛକ, ଷ୍ଟଲିଂ ଛକ ଦେଇ ଯାତ୍ରିକା ପାର୍କିଂରେ ରଖିବେ। ସେମାନେ ଫେରିଲା ବେଳେ ସେହି ସମାନ ରାସ୍ତା ଦେଇ ଫେରିବା ବ୍ୟବସ୍ଥା କରାଯାଇଥିଲା ।କୋଣାର୍କ ପାର୍ଶ୍ୱରୁ ଆସୁଥିବା ହାଲୁକା ଯାନ, ବାଇଦାସ ନଗର, ଗ୍ରିଡ୍ ଷ୍ଟେସନ, ପେଣ୍ଟକଟା, ସିଟି ରୋଡ, ସୁବାଷ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ ବିଚ୍ ପାର୍କି ଓ ହୋଟେଲ୍ ନୀଳାଚଳ ଅଶୋକ ପାର୍କିଂରେ ପାର୍କ କରିଥିଲେ। ଏହି ପାର୍କିଂ ପୂର୍ଣ ହେବା ପରେ ଯାନଗୁଡିକ ଭୂଦାନ ଛକ ଦେଇ ତାଳବଣିଆ ପାର୍କି ଓ ଆଇ ଟି ଆଇ ପାର୍କିଂରେ ପାର୍କ କରିବେ ସେମାନେ ଫେରିଲା ବେଳେ ସେହି ସମାନରାସ୍ତା ଦେଇ ଫେରିବେ। ଯଦି ଭୁବନେଶ୍ୱର, କୋଣାର୍କ କିମ୍ବା ବ୍ରହ୍ମଗିରି ପଟୁ ଆସୁଥିବା କୌଣସି ଭକ୍ତ ସମୁଦ୍ର କୂଳ ଆସୁଥାନ୍ତି। ସେମାନେ ଫେରିବା ସମୟରେ ସମାନ ରାସ୍ତା ଦେଇ ଫେରିବେ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଶ୍ରୀଅଲାରନାଥଙ୍କ ଅଣସର ଦର୍ଶନ ଅସମ୍ଭାଳ ଭିଡ଼

ବ୍ରହ୍ମଗିରି: ଶ୍ରୀଅଲାରନାଥଙ୍କ ଅଣସର ଦର୍ଶନ ଆଜିଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରୁ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ହୋଇଛି। ରାତି ସାଢ଼େ ତିନିଟାରେ ଶ୍ରୀଜିଉଙ୍କ ମନ୍ଦିର ଦ୍ୱାରଫିଟା ନୀତି ବଢ଼ିଥିଲା। ସେତେବେଳକୁ ଶ୍ରଦ୍ଧାଳୁଙ୍କ ଭିଡ଼ ବ୍ୟାରିକେଡ୍ ଭିତରେ ଲାଗି ଯାଇଥିଲା। ଶ୍ରୀଜିଉଙ୍କ ସକାଳ ନୀତି ମଙ୍ଗଳ ଆଳତି, ଅବକାଶ, ବେଶ, ଗୋପାଳବଲ୍ଲଭ ଉଠି ସକାଳ ୭ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଦିନ ଯେତିକି ବଢୁଥିଲା ଶ୍ରଦ୍ଧାଳୁଙ୍କ ସଂଖ୍ୟା ସେତିକି ବଢ଼ିଥିଲା। ଅପରାହ୍ଣ ୩ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମେଘୁଆ ପାଗ ଓ ମଝିରେ ମଝିରେ ଝିପିଝିପି ବର୍ଷାକୁ ଖାତିର କରିନଥିଲେ ଶ୍ରଦ୍ଧାଳୁ। ଆଜି ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ଦର୍ଶନ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



## ରାଜ୍ୟରେ ଗଠିତ ହେବ ଆଂଟି ନାର୍କୋଟିକ୍ସ ଟାସ୍କ ଫୋର୍ସ




ଭୁବନେଶ୍ୱର: ରାଜ୍ୟରେ ନିଶା ବିରୋଧୀ ଅଭିଯାନ ଆହୁରି କଠୋର ହେବ। ନିଶା ବେପାରୀଙ୍କ ଉପରେ ଷଣ୍ଢୁଆସୀ ଆକ୍ରମଣ କରାଯିବ। ଏଥିରେ ରାଜ୍ୟରେ ଏଡିଜ ପାହ୍ୟାର ବରିଷ୍ଠ ପୁଲିସ ଅଧିକାରୀଙ୍କ ନେତୃତ୍ୱରେ ଆଂଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଗଠିତ ହେବ। ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ୟୁନିଟ୍ ଏବଂ ୧୯ଟି ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ।

ଭାରତ ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଆନୁକୂଲ୍ୟରେ ସମଗ୍ର ଦେଶରେ ୨୬ ଜୁନରୁ ୧୦ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ପ୍ରାକ୍ ପରୀକ୍ଷଣ ନିଶା ଧ୍ୱଂସ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଏହି କ୍ରମରେ, ବୁଧବାର ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଜାତୀୟ ସ୍ତରୀୟ ପ୍ରାକ-ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟୀକରଣ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ୍ ବ୍ରାଞ୍ଚ) ବିନୟ ତୋଷ ମିଶ୍ର, ଆଇଜିପି (କ୍ରାଇମ୍ ବ୍ରାଞ୍ଚ) ଓ ସାର୍ଥକ ଷଡଙ୍ଗୀ, ଡିଆଇଜିପି (ଏସଟିଏଫ) ଓ କନଓ୍ୱର ବିଶାଳ ସିଂଙ୍କ ସହିତ ପୋଲିସ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜ ବକ୍ତବ୍ୟରେ ଶ୍ରୀଖୁରାନିଆ କହିଥିଲେ, ଗଠିତ ହେବାକୁ ଥିବା ଆଂଟି ନାର୍କୋଟିକ୍ ?ସ ଦ୍ୱାରା ପ୍ରତିବର୍ଷ ଅତିକମରେ ୧୦୦ ଜଣ ପ୍ରମୁଖ ଡ୍ରଗ୍ ମାଫିଆଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରିଯିବ। ସେ ନିଶାମୁକ୍ତ ଓଡ଼ିଶା ଗଠନ ସମ୍ପର୍କରେ ଆଲୋଚନା କରି କହିଥିଲେ, ନିଶାମୁକ୍ତ, ସୁରକ୍ଷିତ ଓ ସଶକ୍ତ ଓଡ଼ିଶା ଗଠନ ହେଉଛି ଓଡ଼ିଶା ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ନିଶା କାରବାର ଓ ଚୋରାଚାଲାଣ ବିରୋଧରେ ଆଗାମୀ ଦିନରେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ। ନିଶା କାରବାର ସମ୍ପର୍କିତ ମାମଲାର ତ୍ୱରିତ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର, ଖୋର୍ଦ୍ଧା, ଅନୁଗୁଳ ଓ ସମ୍ବଲପୁରରେ ୪ଟି ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟ ସ୍ଥାପନ କରିବାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି।

Excutive Editor: MANMOHAN RAM
Editor : MUKESH RAM

Printed, Publish & Owned by MUKESH RAM, Block B-6, Hi-Tech Plaza, Apartment, Sundarpada, Po-Kuha, Khordha, Odisha -751002
Printed at- CHANDAN PRINTERS, Plot No-3, Gopabandhu Chhaka, Unit-8, Bhubaneswar, Khordha, Odisha- 541003

ସହ-ସମ୍ପାଦକ: ମନମୋହନ ରାମ
ସମ୍ପାଦକ : ମୁକେଶ ରାମ